# ଆର୍ଥିକ ସାକ୍ଷରତା ମାର୍ଗଦର୍ଶିକା





## ଭାରତୀୟ ରିଜର୍ଭ ବ୍ୟାଙ୍କ୍

ଗ୍ରାମୀଣ ଯୋଜନା ଓ ଋଣ ବିଭାଗ
କେନ୍ଦ୍ରୀୟ କାର୍ଯ୍ୟାଳୟ, ମୁମ୍ବାଇ
ଜାନୁୟାରୀ ୨୦୧୩

# ଆର୍ଥିକ ସାକ୍ଷରତା ଶିବିର ପରିଚାଳନା
# ନିମନ୍ତେ ପ୍ରଶିକ୍ଷକଙ୍କ ପାଇଁ ମାର୍ଗଦର୍ଶିକା

(ରିଜର୍ଭ ବ୍ୟାଙ୍କ୍ ପରିପତ୍ର ନଂ. RPCD FLC. No. 12452 / 12.01.018/2011-12 ତାରିଖ ଜୁନ୍ 6, 2012 ଦ୍ୱାରା ଜାରି)

ଏହି ପୁସ୍ତିକା, ଆର୍ଥିକ ସାକ୍ଷରତା କେନ୍ଦ୍ର ଓ ଗ୍ରାମାଂଚଳ ବ୍ୟାଙ୍କମାନଙ୍କ ଦ୍ୱାରା, ମାସିକ ବ୍ୟବଧାନରେ ଆୟୋଜିତ ଆର୍ଥିକ ସାକ୍ଷରତା ଶିବିରରେ ବ୍ୟବହାର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ, ଗ୍ରାମୀଣ ଯୋଜନା ଓ ଋଣ ବିଭାଗ, କେନ୍ଦ୍ରୀୟ କାର୍ଯ୍ୟାଳୟ, ମୁମ୍ବାଇ ଦ୍ୱାରା ପ୍ରଣୀତ । ଏହା ରିଜର୍ଭ ବ୍ୟାଙ୍କ୍‌ର Website- www.rbi.org.in ରେ ମଧ୍ଯ ଉପଲବ୍ଧ ।

ମୂଳ ଲେଖା : ସୁଷମା ଭିଜ ଓ ଗୀତା ନାୟାର
ଚିତ୍ର : ଆର. ଏନ. ରାହାତେ
ଓଡିଆ ଅନୁବାଦର ପୁନରୀକ୍ଷଣ : ରିଜର୍ଭ ବ୍ୟାଙ୍କ୍ ଅଫ ଇଣ୍ଡିଆ, ଭୁବନେଶ୍ୱର

**ପ୍ରଥମ ମୁଦ୍ରଣ : ଜାନୁୟାରୀ ୨୦୧୩**

**ପ୍ରକାଶକ :**
**ଭାରତୀୟ ରିଜର୍ଭ ବ୍ୟାଙ୍କ,**
ଗ୍ରାମୀଣ ଯୋଜନା ଓ ଋଣ ବିଭାଗ
ଦଶମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ,
ସହିଦ୍ ଭଗତ୍ ସିଂ ମାର୍ଗ
ଫୋର୍ଟ, ମୁମ୍ବାଇ – ୪୦୦୦୦୧

**କପିରାଇଟ୍ :**
ପୁର୍ନମୁଦ୍ରଣ ପାଇଁ ମୂଳ ସୂତ୍ରର ସୌଜନ୍ୟ ସ୍ୱୀକୃତି ଅନିର୍ବାଯ୍ୟ ।

**ସ୍ୱୀକାର :**
ଏହି ଲେଖାପାଇଁ ବିଭିନ୍ନ ସୂତ୍ର ଯଥା- Accion India, Indian school of Microfinance for women (ISMW), Parinam Foundation ଏବଂ Sanchayan Society ର ଅବଦାନକୁ ସ୍ୱୀକାର କରାଯାଇଅଛି ।

# ମୁଖବନ୍ଧ

ଆର୍ଥିକ ସାକ୍ଷରତା ଆର୍ଥିକ ଦ୍ରବ୍ୟ ଓ ସେବାର ଚାହିଦା ସୃଷ୍ଟି କରେ, ଯଦ୍ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତି ବେଗବାନ ହୁଏ ଏବଂ ସାଧାରଣ ଲୋକଙ୍କୁ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ଦ୍ରବ୍ୟ ଓ ସେବାକୁ ବୁଝିବାକୁ ସମର୍ଥ କରାଏ । ସମାଜର ସବୁ ବର୍ଗର ଲୋକମାନଙ୍କର ପ୍ରକାର ଭେଦରେ ଆର୍ଥିକ ସାକ୍ଷରତାର ପ୍ରୟୋଜନ ରହିଛି । କିନ୍ତୁ ଯେହେତୁ ସମାଜର ଏକ ବିରାଟ ବର୍ଗ ବ୍ୟାଙ୍କ୍ ଏବଂ ଅନ୍ୟାନ୍ୟ ଆର୍ଥିକ ସେବାରୁ ବଂଚିତ, ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ବର୍ତ୍ତମାନ ପାଇଁ ଏହି ବର୍ଗର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ନିରବଛିନ୍ନ ଭାବରେ ଆର୍ଥିକ ଚପର ଶିକାର ହେଉଛନ୍ତି, କାରଣ ବ୍ୟକ୍ତିଗତ ଅର୍ଥ ପରିଚାଳନା ବିଷୟରେ ସେମାନେ ଅଜ୍ଞ । ଭାରତୀୟ ରିର୍ଜଭ ବ୍ୟାଙ୍କର ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅବସରରେ ମୋର ଦୂର ଦୂରାନ୍ତ ଗ୍ରାମ ଗସ୍ତ ସମୟରେ ମୁଁ ଅନୁଭବ କରିଛି ଯେ ସମାନ ମାନଯୁକ୍ତ ମୂଳ ପାଠ୍ୟକ୍ରମ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମରେ ନ ଥିବା ହେତୁ ଏହି କାର୍ଯ୍ୟକ୍ରମ ସେତେ ଫଳପ୍ରଦହୋଇ ପାରୁନାହିଁ । ତେଣୁ ଏହି ନିର୍ଦ୍ଦେଶାବଳୀ ସ୍ୱଷ୍ଟ ଏବଂ ଦୃଢଭାବରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମ ସଂରଚନା କରି ପ୍ରସ୍ତୁତ କରାଯାଇଅଛି । ମୁଁ ନିଶ୍ଚିତ ଯେ ଏହା ସାଧାରଣ ଲୋକଙ୍କ ମନରେ ବ୍ୟାଙ୍କ୍ ସେବା ପାଇଁ ଏକ ବିରାଟ ଚାହିଦା ସୃଷ୍ଟି କରିବ । ଏହି ନିର୍ଦ୍ଦେଶାବଳୀ ଗ୍ରାମାଞ୍ଚଳର ବ୍ୟାଙ୍କ୍ ଶାଖାର ପରିଚାଳକ ଏବଂ ଅଗ୍ରଣୀ ଜିଲ୍ଲା ପରିଚାଳକଙ୍କ ଦ୍ୱାରା ଆୟୋଜିତ ମାସିକ ଆର୍ଥିକ ସାକ୍ଷରତା ଶିବିରରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ । ଏଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇ ସହରାଞ୍ଚଳରେ ଥିବା ଆର୍ଥିକ ସେବାରୁ ବଞ୍ଚିତ ଜନସାଧାରଣଙ୍କୁ ମଧ୍ୟ ଆର୍ଥିକ ସାକ୍ଷରତା ସମ୍ବନ୍ଧରେ ସଚେତନ କରାଯାଇପାରିବ । ବ୍ୟାଙ୍କ୍‌ମାନେ ସେମାନଙ୍କର ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ସୂଚାରୁରୂପେ ପରିଚାଳିତ କରିବା ସହିତ ନିଜର ଗ୍ରାହକମାନଙ୍କୁ ଶସ୍ତା ଏବଂ ସୁବିଧାଜନକ ବ୍ୟାଙ୍କ୍ ସେବା ଯୋଗାଇ ଦେବା ଆବଶ୍ୟକ । ତେଣୁ ଆମର ଆର୍ଥିକ ଅନ୍ତର୍ଭୁକ୍ତି କାର୍ଯ୍ୟକ୍ରମର ଉନ୍ନତିକରଣ କରାଯାଇ ଏହାକୁ ଏକ ସ୍ଥିର, ଊର୍ଦ୍ଧ୍ୱଗାମୀ ପ୍ରକୃଷ୍ଟ ବ୍ୟବସାୟୀକ ସୁବିଧାରେ ପରିବର୍ତ୍ତିତ କରିବା ପାଇଁ ପଦକ୍ଷେପ ନେବା ଦରକାର । ଏହା ଲୋକଙ୍କ ଅବସ୍ଥାକୁ ଦାରିଦ୍ର୍ୟରୁ ଆର୍ଥିକ ସଶକ୍ତିକରଣକୁ ରୂପାନ୍ତରିତ କରିବା ସହିତ ବ୍ୟାଙ୍କ୍‌ମାନଙ୍କ ପାଇଁ ଏକ ଲାଭଜନକ ବ୍ୟବସାୟ ହୋଇପାରିବ ।

(କେ.ସି. ଚକ୍ରବର୍ତ୍ତୀ)
ଡେପୁଟି ଗଭର୍ଣ୍ଣର

# ସୂଚୀପତ୍ର


| କ୍ର.ସଂଖ୍ୟା | ବିଷୟ | ପୃଷ୍ଠା |
|---|---|---|
| ୧. | ପ୍ରଶିକ୍ଷକଙ୍କ ନିମନ୍ତେ ମାର୍ଗଦର୍ଶୀ ଟିପ୍ପଣୀ | କ |
| ୨. | ଆର୍ଥିକ ପ୍ରଶିକ୍ଷଣ ଶିବିର ପରିଚାଳନା ପାଇଁ ମାର୍ଗଦର୍ଶନ | ଗ |
| ୩. | ନିଜର ଆର୍ଥିକ ସ୍ଥିତିର ସୁପରିଚାଳନା | ୧-୬ |
| ୪. | ସଂଚୟ | ୭-୯ |
| ୫. | ବ୍ୟାଙ୍କ୍‌ରେ ସଂଚୟ | ୧୦-୧୬ |
| ୬. | ଋଣ | ୧୭-୧୮ |
| ୭. | ବ୍ୟାଙ୍କ୍‌ରୁ ଋଣ | ୧୯-୨୦ |

# ଆର୍ଥିକ ସାକ୍ଷରତା - ପ୍ରଶିକ୍ଷକଙ୍କ ନିମନ୍ତେ ମାର୍ଗଦର୍ଶୀ ଟିପ୍ପଣୀ

୧. ଆର୍ଥିକ ସାକ୍ଷରତା ପ୍ରଶିକ୍ଷଣ ଶିବିରର ମୂଳ ଲକ୍ଷ୍ୟ ହେଲା ଆର୍ଥିକ ଅନ୍ତର୍ଭୁକ୍ତି (Financial inclusion)କୁ ଦୁଇଟି ମାଧ୍ୟମରେ ସୁଗମ କରିବା । ସେ ଗୁଡିକ ହେଲା- ସାକ୍ଷରତା ଏବଂ ସହଜଲଭ୍ୟତା । ସାଧାରଣ ଲୋକଟିଏ ଯେମିତି ଆର୍ଥିକ ଯୋଜନା କରିପାରିବ, ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବ ଏବଂ ବିଭିନ୍ନ ଆର୍ଥିକ ସେବାକୁ ବୁଝିପାରି ନିଜର କାମରେ ଲଗାଇ ପାରିବ, ଏହିସବୁ ଜ୍ଞାନ ଦେବା ଏହି ଶିବିରର ଉଦ୍ଦେଶ୍ୟ ହେବା ଉଚିତ୍ । ଆର୍ଥିକ ସାକ୍ଷରତାର ମୂଳ ଅଭିପ୍ରାୟ ହେଲା- ଲୋକମାନେ ତାଙ୍କର ଜୀବନ ଚକ୍ରର ବିଭିନ୍ନ ଆବଶ୍ୟକତାକୁ ଧ୍ୟାନରେ ରଖି ସେହି ଅନୁସାରେ ଯୋଜନା କରିବେ ଯେମିତିକି ଆବଶ୍ୟକତା ସ୍ଥଳେ ସେମାନଙ୍କୁ ଋଣ କରିବା ପାଇଁ ପଡିବନି । ସେମାନେ ନିଜର ଅର୍ଥକୁ ଠିକ୍ ଭାବରେ ସୁପରିଚାଳନା କରିପାରିବେ ଯଦ୍ୱାରା ସେମାନେ ଋଣ ଯନ୍ତାରୁ ବଞ୍ଚିଯାଇ ପାରିବେ । ଆର୍ଥିକ ସଚେତନତା ପାଇଁ ପ୍ରଦତ୍ତ ଜ୍ଞାନ ଲୋକଙ୍କ ମଧ୍ୟରେ ବ୍ୟାଙ୍କ୍ କାରବାର କରିବାର ପ୍ରବୃତ୍ତି ଜାଗ୍ରତ କରିବା ସହିତ ବିଭିନ୍ନ ବ୍ୟାଙ୍କ୍‌ସେବାଗୁଡ଼ିକୁ ସହଜଲଭ୍ୟ କରିବାରେ ସାହାଯ୍ୟ କରିବା ଦରକାର । ବ୍ୟାଙ୍କ୍ ସେବା ସାହାଯ୍ୟରେ ନିଜର ଆର୍ଥିକ ନିରାପତ୍ତା କୁ ବୃଦ୍ଧି କରିବାରେ ଏହି ସାକ୍ଷରତା ଶିବିର ସକ୍ଷମ ହେବା ଦରକାର ।

୨. ଲୋକମାନଙ୍କ ମଧ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ଆର୍ଥିକ ସାକ୍ଷରତା ବିସ୍ତାର ହେଲେ ବ୍ୟାଙ୍କ୍‌ମାନେ ଆର୍ଥିକ ସେବା ପ୍ରଦାନକାରୀ ହିସାବରେ ସବୁଠାରୁ ବେଶୀ ଲାଭବାନ ହେବେ କାରଣ ଏହା ଦ୍ୱାରା ସେମାନେ ନୂଆ ବ୍ୟାଙ୍କ୍ କାରବାର ପାଇ ପାରିବେ । କ୍ଷୁଦ୍ର ଗ୍ରାହକ ହେଉଛନ୍ତି ଅସଲ ଚାବିକାଠି ଏବଂ ବ୍ୟାଙ୍କ୍‌ମାନେ ଆର୍ଥିକ ପିରାମିଡ୍‌ର ସବାତଳ ସ୍ତରର ଥିବା ଏହି ବ୍ୟବସାୟିକ ସୁଯୋଗକୁ ଉପଯୋଗ କରିବା ଦରକାର । ତେଣୁ ଆର୍ଥିକ ସାକ୍ଷରତା ଉଦ୍ୟମକୁ ବ୍ୟାଙ୍କ୍‌ମାନେ ଭବିଷ୍ୟତରେ ପୁଞ୍ଜିନିବେଶ ଦୃଷ୍ଟିରେ ବିବେଚନା କରିବା ଦରକାର । ଏହି ସବୁ ଏକାଉଣ୍ଟରେ ନିୟମିତ କାରବାର ସୁନିଶ୍ଚିତ କରିବାକୁ ହେଲେ ବିଭିନ୍ନ ବ୍ୟାଙ୍କ୍ ସେବା ଯଥା- କ୍ଷୁଦ୍ର ଓଭରଡ୍ରାଫ୍ଟ (overdraft) ର ସୁବିଧା, ପରିବର୍ତ୍ତନୀୟ (variable) ରିକରିଂ ଡିପୋଜିଟ୍, କିଶାନ୍ କ୍ରେଡିଟ କାର୍ଡ ଓ ଅର୍ଥପ୍ରେରଣ ସୁବିଧାକୁ ସମ୍ମିଳୀତ କରି ଲୋକଙ୍କୁ ପ୍ରଦାନ କରିବାକୁ ପଡିବ । ଏପରି ଖାତା(account)ରେ ବାରମ୍ବାର କାରବାର କରିବା ପାଇଁ ବ୍ୟାଙ୍କ୍‌ମାନେ ଲୋକଙ୍କୁ ଉତ୍ସାହିତ କରିବା ଦରକାର ଯଦ୍ୱାରା ଏଭଳି ଖାତା ପରିଚାଳନା କରିବାରେ ଖର୍ଚ୍ଚ ଭରଣା ହୋଇ ପାରିବ ଏବଂ ବ୍ୟାଙ୍କ୍‌ମାନଙ୍କ ପାଇଁ ଲାଭପ୍ରଦହୋଇ ପାରିବ । ଆବଶ୍ୟକ ଋଣର ବ୍ୟବସ୍ଥା ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଏଥିରୁ ଅର୍ଜିତ ସୁଧ ଏହି କାରବାରକୁ ବ୍ୟବସାୟିକ ଦୃଷ୍ଟିକୋଣରୁ ସଫଳ କରିପାରିବ । ବ୍ୟାଙ୍କ୍‌ର ସୁଧ ହାର ପ୍ରତିଦ୍ୱନ୍ଦିତା ପୂର୍ଣ୍ଣ (competitive) ତଥା ଶୋଷଣହୀନ ହେବା ଦରକାର କିନ୍ତୁ କଦାଚିତ୍ ଏହା ଗୌଣ ହାରରେ (subsidized rate) ହେବା ଉଚିତ୍ ନୁହେଁ ।

୩. ବିଭିନ୍ନ ଆର୍ଥିକ ଦ୍ରବ୍ୟ ଓ ସେବାର ପ୍ରସାର କରିବା ପାଇଁ ଲୋକଙ୍କ ଭିତରେ ଜ୍ଞାନ ଏବଂ ସଚେତନତା ସୃଷ୍ଟି କରିବାକୁ ପଡିବ ଏବଂ ଏସବୁ ସେବା ଲୋକଙ୍କ ଦ୍ୱାରଦେଶରେ ଉପଲବ୍ଧ ହେବା ଦରକାର । ଆର୍ଥିକ ସାକ୍ଷରତା ଉପଦେଶ ପୁସ୍ତିକାର ଲକ୍ଷ୍ୟ ହେଲା ଲୋକଙ୍କ ମଧ୍ୟରେ ସଚେତନତା ଓ ଜ୍ଞାନ ସୃଷ୍ଟି କରିବା, ଯଦ୍ୱାରା ଅତି ସରଳ ଭାବରେ ଆର୍ଥିକ ପରିଚାଳନା, ସଞ୍ଚୟର ଉପକାରିତା, ବ୍ୟାଙ୍କମାନଙ୍କରେ ସଞ୍ଚୟ କରିବାରେ ଲାଭ ଏବଂ ବ୍ୟାଙ୍କ୍ ଦ୍ୱାରା ପ୍ରଦତ୍ତ ଅନ୍ୟାନ୍ୟ ସେବା ଓ ସୁବିଧା ବିଷୟରେ ଲୋକେ ବୁଝିପାରିବେ । ଏହି ମାର୍ଗଦର୍ଶୀ ପୁସ୍ତିକା ଆର୍ଥିକ ସାକ୍ଷରତା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିରେ ଲିପ୍ତ ପ୍ରଶିକ୍ଷକଙ୍କ ପାଇଁ ଏକ ସୁଲଭ ଗଣକ (ready reckoner) ଅଟେ । ଏହି ପୁସ୍ତିକା ଆର୍ଥିକ ସେବା ବହିର୍ଭୁତ ଲୋକଙ୍କୁ ମାସିକ ଆର୍ଥିକ ସାକ୍ଷରତା ଶିବିରରେ ଜ୍ଞାନ ପ୍ରଦାନ ପାଇଁ ଉଦ୍ଦିଷ୍ଟ । ବ୍ୟାଙ୍କ୍ ସେବାରୁ ବଞ୍ଚିତ ଲୋକଙ୍କୁ ବ୍ୟାଙ୍କ୍ ସେବା ପରିସରକୁ ଆଣିବା ପାଇଁ ଏହି ପ୍ରଶିକ୍ଷଣ ଶିବିରରେ ବ୍ୟାଙ୍କ୍ ଖାତା ଖୋଲାଯିବା ଏବଂ ତାହା ସହିତ ଏହି ଏକାଉଣ୍ଟଗୁଡ଼ିକରେ କାରବାର ହେଉଛି କି ନାହିଁ, ତାହାର ନିୟମିତ ଯାଞ୍ଚ ହେବା ଦରକାର । ଏହାଛଡା ଏହି ଏକାଉଣ୍ଟଗୁଡିକ କାହିଁକି ବାରମ୍ବାର ବ୍ୟବହୃତ ହେଉନାହିଁ, ତା'ର କାରଣ ନିର୍ଦ୍ଧାରଣ କରିବା ଦରକାର । ଯେତେଶୀଘ୍ର ସମ୍ଭବ ଏହିସବୁ ନିରୋଧକାରୀ (inhibiting) କାରଣକୁ ବାହାର କରି ତାର ନିରାକରଣ କରିବା ଦରକାର । ଆର୍ଥିକ ସାକ୍ଷରତା ଶିବିର ଆୟୋଜନ କଲାବେଳେ ସ୍ଥାନୀୟ ସରକାରୀ କର୍ମଚାରୀ ଓ ଗାଁର ମୁଖିଆ ଲୋକଙ୍କୁ ସାମିଲ୍ କରିବା ଦରକାର । ଏହି କାର୍ଯ୍ୟରେ ଉତ୍ତମ କାର୍ଯ୍ୟ କରୁଥିବା ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ (NGO) ମାନଙ୍କର ସାହାଯ୍ୟ ନିଆଯାଇପାରେ । କିନ୍ତୁ ଏହି ପୁସ୍ତିକାରେ ବର୍ଣ୍ଣିତ ବିଷୟ ସବୁକୁ ଏକ ମାନ୍ୟଯୁକ୍ତ ପୁସ୍ତକ (standard text) ରୂପେ ମାସିକ ସାକ୍ଷରତା ଶିବିରରେ ବ୍ୟବହାର କରିବା ଆବଶ୍ୟକ ।

## ଆର୍ଥିକ ସାକ୍ଷରତା ଶିବିର - ପରିଚାଳନାଗତ ମାର୍ଗଦର୍ଶନ

ସମସ୍ତ ଆର୍ଥିକ ସାକ୍ଷରତା କେନ୍ଦ୍ର (FLC) ଏବଂ ଗ୍ରାମାଞ୍ଚଳ ବ୍ୟାଙ୍କ୍ ଶାଖା ସମୂହ ଆର୍ଥିକ ସାକ୍ଷରତା ଶିବିର (Financial Literacy Camp) ପାଇଁ ସ୍ଥାନ ନିରୂପଣ କରି ଏକ ବାର୍ଷିକ ଚିଠା (Calendar) ପ୍ରସ୍ତୁତ କରିବେ । ପ୍ରତ୍ୟେକ ନିରୂପିତ ସ୍ଥାନରେ ତିନି ମାସର ଅବଧି ମଧ୍ୟରେ ତିନି ଦଫାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେବ । ଏଥିରେ ଦୁଇ ଘଣ୍ଟା ଅବଧିର ତିନୋଟି ଅଧିବେଶନ ରହିବ । ଏଥି ସହିତ ଠିକ୍ ସମୟରେ କାର୍ଡ ବିତରଣର ବ୍ୟବସ୍ଥା ସୁନିଶ୍ଚିତ କରିବା ନିମନ୍ତେ ଶିବିର ପରିଦର୍ଶନ ମଧ୍ୟ କରିବା ଉଚିତ୍ । ଶିବିରର ପରିଚାଳନା ପାଇଁ ଉପଯୁକ୍ତ ସ୍ଥାନ ବା ପ୍ରକୋଷ୍ଠର ବନ୍ଦୋବସ୍ତ ପୂର୍ବରୁ କରାଯାଇଥିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ସ୍ଥାନ ଏବଂ ଉପଲବ୍ଧ ସୁବିଧାକୁ ନେଇ ବ୍ୟାଙ୍କ୍‌ମାନେ କାର୍ଯ୍ୟକ୍ରମର ରୂପରେଖ ନିରୂପଣ କରିପାରନ୍ତି । ଏହି କାର୍ଯ୍ୟକ୍ରମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଲା ଅଧିକରୁ ଅଧିକ ଯୋଗଦାନକାରୀଙ୍କୁ ବ୍ୟାଙ୍କ୍ ସେବାର ପରିସରଭୁକ୍ତ କରିବା ।

**ପ୍ରଥମ ଅଧିବେଶନ**

- ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ଆର୍ଥିକ ରୂପରେଖ ଏବଂ ବ୍ୟକ୍ତିଗତ ଆର୍ଥିକ ପରିଚାଳନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା । ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଗାଁର ଲୋକମାନଙ୍କର ଏକ ଗୋଷ୍ଠୀକୁ ନେଇ ବ୍ୟାଙ୍କ୍ ଗୋଟିଏ ଶିବିରର ଆୟୋଜନ କରିବ । ଏଥିନିମନ୍ତେ ଭଲ ଭାବରେ ପ୍ରଚାର କରାଯାଇ ଗ୍ରାମବାସୀଙ୍କର ବହୁ ସଂଖ୍ୟାରେ ଯୋଗଦାନକୁ ନିଶ୍ଚିତ କରିବାକୁ ପଡିବ ।

- ଏହାର ପୂର୍ବ ପ୍ରସ୍ତୁତି ପାଇଁ ଗାଁର ମୁଖିଆ, ସରପଞ୍ଚ, ସ୍କୁଲ ଶିକ୍ଷକ ଏବଂ ଗ୍ରାମବାସୀଙ୍କ ସହ ସୁସମ୍ପର୍କ ଥିବା ବ୍ୟକ୍ତି ବିଶେଷଙ୍କୁ ସାମିଲ କରିବାକୁ ପଡ଼ିବ । ଏହି ଶିବିର ସ୍ଥଳରେ ସମସ୍ତ ପ୍ରକାର ସୁ-ବନ୍ଦୋବସ୍ତ କରିବାକୁ ପଡିବ ଏବଂ ଲୋକମାନେ ଆସିବା ଆଗରୁ ଚାର୍ଟ, ପ୍ରଚାର ପତ୍ର ଯଥା ସ୍ଥାନରେ ରଖିବାକୁ ପଡିବ ।

- ଭାଗ ନେଉଥିବା ଲୋକମାନଙ୍କ ନାମ, ବୟସ ଏବଂ ପେଷା ଇତ୍ୟାଦିକୁ ଲିପିବଦ୍ଧ କରିବାକୁ ପଡିବ ।

- ମୁଖ୍ୟ ଆଲୋଚନାର ବିଷୟ ହେବ : ଆର୍ଥିକ ଯୋଜନା, ଆୟ ବ୍ୟୟର ଅଟକଳ, ସଞ୍ଚୟ, ଆର୍ଥିକ ଡାଏରୀ, ବ୍ୟାଙ୍କ୍‌ରେ ସଞ୍ଚୟ କରିବାରେ ସୁବିଧା, ବ୍ୟାବସାୟୀକ ପ୍ରତିନିଧି (BC) ବିଷୟରେ ଧାରଣା, ପାରମ୍ପରିକ ଓ ଅଣପାରମ୍ପରିକ ଋଣ ମଧ୍ୟରେ ପାର୍ଥକ୍ୟ, ଋଣ କରିବାର ଉଦ୍ଦେଶ୍ୟ, ସୁଧହାର ଏବଂ ଋଣର ପ୍ରକାର ଭେଦଇତ୍ୟାଦି ।

- ପ୍ରତ୍ୟେକ ଭାଗୀଦାରଙ୍କୁ ଏକ ଆର୍ଥିକ ଡାଏରି ବିତରଣ କରିବାକୁ ପଡିବ । ତାଙ୍କୁ ବୁଝାଇବାକୁ ପଡିବ କେମିତି ଆର୍ଥିକ ବଜେଟ ତିଆରି କରି ଦୈନନ୍ଦିନ ଆୟ ବ୍ୟୟର ହିସାବ ଏହି ଡାଏରୀରେ ଲିପିବଦ୍ଧ କରିବେ ଏବଂ

ଏହାର ଉପକାରିତା ବିଷୟରେ ମଧ୍ୟ ଲୋକଙ୍କୁ ଅବଗତ କରିବାକୁ ପଡିବ । ଏହି କାର୍ଯ୍ୟ ମାସକ ଯାକ କରିବାକୁ ପଡିବ ଏବଂ ପରବର୍ତ୍ତି ଅଧିବେଶନରେ ଏହାକୁ ଆଣିବାକୁ ପଡିବ ।

- ଅଧିବେଶନର ସମାପ୍ତି ପୂର୍ବରୁ ଆଗାମୀ ଅଧିବେଶନର ଦିନ ଘୋଷଣା କରିବାକୁ ପଡିବ ଏବଂ ସେହିଦିନ ବ୍ୟବସାୟୀକ ପ୍ରତିନିଧିଙ୍କୁ ପରିଚିତ କରାଇ ଦିଆଯିବ ବୋଲି ଘୋଷଣା କରାଯିବ । ବ୍ୟବସାୟୀକ ପ୍ରତିନିଧିଙ୍କ ଜରିଆରେ ଖାତା ଖୋଲିବାକୁ କ'ଣ କ'ଣ ଆବଶ୍ୟକୀୟ କାଗଜ ପତ୍ର ଦରକାର ତାକୁ ସାଥିରେ ଆଣିବାକୁ କହିବାକୁ ପଡିବ ଏବଂ ଦ୍ୱିତୀୟ ଅଧିବେଶନରେ ନିଶ୍ଚିତ ରୂପେ ଯୋଗଦେବାକୁ ଅନୁରୋଧ କରାଯିବ ।
- ସମସ୍ତ ଚାର୍ଟ ଓ ପୋଷ୍ଟର ଲୋକ ଦେଖି ପାରିବା ଭଳି ସ୍ଥାନରେ ଲଗାଇବାକୁ ପଡିବ ।

**ଦ୍ୱିତୀୟ ଅଧିବେଶନ ( ପ୍ରଥମ ଅଧିବେଶନର ଦୁଇ ସପ୍ତାହ ପରେ )**

- ଉପସ୍ଥାନ ନିଅନ୍ତୁ । ଯଦି କିଏ ଅନୁପସ୍ଥିତ ଥାଆନ୍ତି ତା'ର କାରଣ ଅନୁସନ୍ଧାନ କରନ୍ତୁ । ବ୍ୟବସାୟୀକ ପ୍ରତିନିଧିଙ୍କୁ (BC) ପରିଚିତ କରାନ୍ତୁ ଏବଂ ବ୍ୟାଙ୍କ୍ ସହିତ ତାଙ୍କ ସମ୍ପର୍କକୁ ବୁଝାନ୍ତୁ । BCଙ୍କ ଜରିଆରେ ନେଣଦେଣ କରିବାର ସୁବିଧା, ସଂଚୟ, ଋଣ ଏବଂ ଅନ୍ୟାନ୍ୟ ବ୍ୟାଙ୍କ୍ ସେବା ବ୍ୟବସାୟୀକ ପ୍ରତିନିଧିଙ୍କ ମାଧ୍ୟମରେ ମିଳିପାରିବ ବୋଲି ଲୋକଙ୍କୁ ଅବଗତ କରାନ୍ତୁ ।
- ICT ମେସିନ୍ ଜରିଆରେ କେମିତି ଜମା ଓ ଉଠାଣ କରାଯାଏ ତାର ନମୁନା ପ୍ରଦର୍ଶନ କରନ୍ତୁ ।
- ଆର୍ଥିକ ଡାଏରୀ ନିରୀକ୍ଷଣ କରନ୍ତୁ ଏବଂ ପଚାରନ୍ତୁ ଏହାକୁ ଲେଖିବାରେ କୌଣସି ଅସୁବିଧା ହେଉଛି କି ନାହିଁ । ଆବଶ୍ୟକ ସ୍ଥଳେ ସଂଶୋଧନ କରନ୍ତୁ ଏବଂ ଡାଏରୀକୁ ସବୁଦିନ ଲେଖିବାକୁ ପ୍ରୋତ୍ସାହନ ଦିଅନ୍ତୁ ।
- ବ୍ୟାଙ୍କ୍ ଆକାଉଣ୍ଟର ବିଭିନ୍ନ ବୈଶିଷ୍ଟ୍ୟ, ଯଥା ମାସକୁ କେତେ ଥର ଜମା ଓ ଉଠାଣ କରିପାରିବେ ଏବଂ ସର୍ବୋଚ୍ଚ କେତେ ପରିମାଣରେ ଜମା କରିପାରିବେ, କେମିତି ସବୁପ୍ରକାରର ସାମାଜିକ ହିତ ରାଶି (Social Benefit Scheme) ସିଧାସଳଖ ଏହି ବ୍ୟାଙ୍କ୍ ଖାତାରେ ଜମା ହେବ, ସେହି ପ୍ରକ୍ରିୟାକୁ ଭଲ ଭାବରେ ବୁଝାଇ ଦିଅନ୍ତୁ । ତା' ଛଡା ଅର୍ଥ ପ୍ରେରଣ ବିଷୟରେ କୁହନ୍ତୁ ।
- ସମସ୍ତଙ୍କର ଜମାଖାତା ଖୋଲିବାର ବନ୍ଦୋବସ୍ତ କରନ୍ତୁ । ଖାତା ଖୋଲିସାରିବା ପରେ ଆପାତତଃ କେବେ, କେତେବେଳେ ତାଙ୍କୁ କାର୍ଡ ମିଳିବ ତାହା ଘୋଷଣା କରନ୍ତୁ ଯଦ୍ୱାରା ସେମାନେ ଖାତାରେ କାରବାର କରିପାରିବେ । ସେମାନେ ତାଙ୍କର ଦୈନନ୍ଦିନ ଆବଶ୍ୟକତା ପାଇଁ ଏହି ଏକାଉଣ୍ଟକୁ କାର୍ଡ ପାଇବା ପରେ ବ୍ୟବହାର କରିବା ପାଇଁ ଉପଦେଶ ଦିଅନ୍ତୁ ।

- **ଦ୍ୱିତୀୟ ଅଧିବେଶନର ୧୫ ଦିନ ମଧ୍ୟରେ ବ୍ୟାଙ୍କ ଅଧିକାରୀ ସେହି ଗ୍ରାମ ପରିଦର୍ଶନ କରି କାର୍ଡ ଦିଆଗଲାକି ନାହିଁ, ବ୍ୟବସାୟୀକ ପ୍ରତିନିଧିଙ୍କ (BC) ମାଧ୍ୟମରେ କାର୍ଡ ଦ୍ୱାରା ନେଣଦେଣ ହେଉଛିକି ନାହିଁ ତାହା ଅନୁଧ୍ୟାନ କରନ୍ତୁ ।**

**ତୃତୀୟ ଅଧିବେଶନ : (ଦ୍ୱିତୀୟ ଅଧିବେଶନର ଦୁଇ ମାସ ପରେ)**

- ଗତ ଅଧିବେଶନରେ ଯେଉଁ ଗ୍ରାମବାସୀମାନେ ଖାତା ଖୋଲିଛନ୍ତି ସେମାନଙ୍କର ଏକ ସଭା ଡାକନ୍ତୁ । ଏହି ସଭାରେ ଗ୍ରାମବାସୀ ଓ ବ୍ୟବସାୟୀକ ପ୍ରତିନିଧିଙ୍କ (BC) ସହ ଚର୍ଚ୍ଚା କରନ୍ତୁ ।
- କିଛି ସଂଚୟ ଖାତାରେ କାରବାର ଦେଖନ୍ତୁ । ITC Card ବ୍ୟବହାର ସମ୍ବନ୍ଧରେ ଲୋକମାନଙ୍କର ସୁବିଧା ଅସୁବିଧା ବିଷୟରେ ଆଲୋଚନା କରନ୍ତୁ । ଲୋକଙ୍କର ମତାମତ ନିଅନ୍ତୁ ।

**ପରବର୍ତ୍ତୀ ସମୟରେ ନେଣଦେଣର ମାତ୍ରା ତଦାରଖ କରନ୍ତୁ ଏବଂ ନିୟମିତ ବିବରଣୀ ଦାଖଲ କରନ୍ତୁ ।**

# ନିଜର ଆର୍ଥିକ ସ୍ଥିତିର ସୁପରିଚାଳନା

## ଆୟ କ'ଣ ?

ବିଭିନ୍ନ ସୂତ୍ରରୁ ଅର୍ଜନ କରାଯାଉଥିବା ଅର୍ଥକୁ ରୋଜଗାର କହନ୍ତି-ଯଥା ଦରମା, ମଜୁରୀ ଋଷ ଆଦି ଅଥବା ବ୍ୟବସାୟରୁ ଅର୍ଜନ । ଏ ସବୁକୁ ଆୟ କହନ୍ତି ।

| ଆୟ (ଅର୍ଥର ଉତ୍ସ) | ପରିମାଣ (ଟ) |
|---|---|
| ଚାକିରୀ ବା ମଜୁରୀ | ୨୦୦୦ |
| କୃଷି / ବ୍ୟବସାୟରୁ ଅର୍ଜନ | ୩୦୦୦ |
| ମୋଟ | ୫୦୦୦ |

## ବ୍ୟୟ (ଖର୍ଚ୍ଚ) କ'ଣ ?

ବିଭିନ୍ନ ଦ୍ରବ୍ୟ ବା ସେବା ଆହରଣ ପାଇଁ ପ୍ରଦତ୍ତ ଅର୍ଥକୁ ବ୍ୟୟ କହନ୍ତି । ଏହା ଆବଶ୍ୟକ ବା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ । ଆସନ୍ତୁ, ନିଜ ଖର୍ଚ୍ଚକୁ ବୁଝିବା ।

| ବ୍ୟୟ (ଅର୍ଥର ବିନିଯୋଗ | ପରିମାଣ (ଟ) |
|---|---|
| ଖାଦ୍ୟ, ବସ୍ତ୍ର ଓ ବାସଗୃହ | ୨୦୦୦ |
| ଶିକ୍ଷା | ୧୦୦୦ |
| ଋଣ ପରିଶୋଧ | ୭୦୦ |
| ଅସୁସ୍ଥତା | ୩୦୦ |
| ମଦ୍ୟପାନ, ଡ୍ରଗସ୍, ଗୁଟ୍‌ଖା | ୫୦୦ |
| ଜୁଆଖେଳ | ୪୦୦ |
| ବାହାଘର, ଉତ୍ସବ, ତୀର୍ଥ ଯାତ୍ରାରେ ଅତ୍ୟଧିକ ଖର୍ଚ୍ଚ | ୧୧୦୦ |
| ମୋଟ | ୬୦୦୦ |




## ଆର୍ଥିକ ବିନିଯୋଗ (ନିବେଶ) କ'ଣ ?

ନିଜ ସଂଚିତ ଅର୍ଥକୁ ଅଧିକ ଉପାର୍ଜନକ୍ଷମ କରିବା ଯଥା ଜମି କିଣିବା କିମ୍ବା ବ୍ୟାଙ୍କ୍‌ରେ ସାବଧି ଜମା ରଖିବା ଇତ୍ୟାଦିକୁ ଆର୍ଥିକ ନିବେଶ କହନ୍ତି ।

## ସଂଚୟ କାହାକୁ କୁହାଯାଏ ?

ବ୍ୟୟ ଠାରୁ ଆୟ ଅଧିକ ଥିଲେ ବଳକା ଅର୍ଥକୁ ସଂଚୟ କୁହାଯାଏ ।




## କରଜ କାହାକୁ କହନ୍ତି ?

ଯେତେବେଳେ ଆୟ ଅପେକ୍ଷା ବ୍ୟୟ ଅଧିକ ହୋଇଯାଏ ଓ ସଂଚୟ ନଥାଏ, ସେତେବେଳେ ଅଧିକ ବ୍ୟୟକୁ ଭରଣା କରିବାକୁ ଆମେ ଅନ୍ୟ ସୂତ୍ରରୁ ଅର୍ଥ ଧାର କରିଥାଉ । ଏହାକୁ କରଜ କହନ୍ତି ।




| ଆୟ | ବ୍ୟୟ | ଫଳାଫଳ | କ'ଣ କରିବେ |
|---|---|---|---|
| ଟ. ୫୦୦୦ | ଟ. ୪୦୦୦ | ଟ. ୧୦୦୦ ବଳିଲା | ଆଗକୁ ବଢ଼ନ୍ତୁ |
| ଟ. ୫୦୦୦ | ଟ. ୫୦୦୦ | କିଛି ବଳିଲାନି | ଚିନ୍ତା କରନ୍ତୁ |
| ଟ. ୫୦୦୦ | ଟ. ୬୦୦୦ | ଟ. ୧୦୦୦ ନିଅଣ୍ଟ ପଡ଼ିଲା | ରୁହନ୍ତୁ |







## ଋଣକୁ କିପରି ଆୟତ୍ତ କରାଯାଇ ପାରିବ ?

ଯଦି ଆମେ କୌଣସି ମାସରେ ଅଧିକ ଖର୍ଚ୍ଚ କରି ପକାଉ ତା ହେଲେ ନିମ୍ନଲିଖିତ ଦୁଇଟି ପନ୍ଥାରେ ତାର ସମାଧାନ କରାଯାଇପାରିବ ।

ଯଦି ଗତ ମାସରେ ଆମ ପାଖରେ କିଛି ସଂଚୟ ଥାଏ ଏ ମାସର ଅଧିକ ଖର୍ଚ୍ଚରେ ତାକୁ ସାମିଲ କରାଯାଇ ପାରେ । ଯଦି ସଂଚୟ ନଥାଏ ତେବେ ଅଧିକ ସୁଧ ସହତ ଋଣ କରି ଏହାକୁ ଭରଣା କରାଯାଏ ।

ଛୋଟ ଉଦାହରଣଟିଏ ନିଅନ୍ତୁ । ଆପଣଙ୍କ ଘରେ ମ୍ୟୁନିସିପାଲିଟି ପାଣି ସବୁ ଦିନେ ସମାନ ପରିମାଣରେ ଆସେ ନାହିଁ । ଯେଉଁ ଦିନ କମ୍ ଆସେ ବା ଜମା ଆସେ ନାହିଁ ଆପଣ କ'ଣ କରନ୍ତି । ପଛ ଦିନରେ ସଂଚୟ କରି ରଖିଥିବା ବଳକା ପାଣିକୁ ଆପଣ ବ୍ୟବହାର କରନ୍ତି । ଯାକୁ ହିଁ ସଂଚୟ କୁହନ୍ତି । ପାଣି କୁଣ୍ଡ ଭିତରକୁ ପଶୁଥିବା ପାଣି ଆପଣଙ୍କ ଉପାର୍ଜନ, କୁଣ୍ଡ ବାହାରକୁ ବାହାରିଥିବା ପାଣି ଆପଣଙ୍କର ଖର୍ଚ୍ଚ ଏବଂ କୁଣ୍ଡ ଭିତରେ ରହି ଯାଉଥିବା ପାଣି ଆପଣଙ୍କର ସଂଚୟ । କୁଣ୍ଡ ଭିତରୁ ବାହାରୁଥିବା ପାଣି ଯେପରି ଆପଣ ଦେଖି ଚାହିଁ ବ୍ୟବହାର କରନ୍ତି ସେମିତି ନିଜର ଉପାର୍ଜିତ ଅର୍ଥକୁ ମଧ୍ୟ ବ୍ୟବହାର କରିବା ଦରକାର ।

**ଅନାବଶ୍ୟକ ଖର୍ଚ୍ଚକୁ ଯେତିକି କମାଇବେ ଆପଣଙ୍କର ସଂଚୟ ସେତିକି ବଢ଼ିବ ।**

## ଦରକାରୀ ଓ ଅଦରକାରୀ ଖର୍ଚ୍ଚ ମଧ୍ୟରେ ପ୍ରଭେଦ କ'ଣ ?

ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ଆମର ଦରକାରୀ ଖର୍ଚ୍ଚ, ଏହା ବଂଚିବା ପାଇଁ ଖର୍ଚ୍ଚ ଏବଂ ତାହାକୁ ନିୟନ୍ତ୍ରଣ କରିହେବ ନାହିଁ । ଆନନ୍ଦ ବା ମନୋରଞ୍ଜନ ପାଇଁ ହେଉଥିବା ଖର୍ଚ୍ଚ ହେଉଛି ଅଦରକାରୀ ଖର୍ଚ୍ଚ । ଏହା ଆମର ବଂଚିବା ପାଇଁ ଦରକାର ହୁଏନାହିଁ ।

## ଆମେ ଆମର ଅର୍ଥକୁ କେମିତି ସୁପରିଚାଳନା କରିପାରିବା ?

ଆର୍ଥିକ ଯୋଜନା ଦ୍ୱାରା ଆମେ ଆମର ଅର୍ଥର ସୁପରିଚାଳନା କରିପାରିବା । ପ୍ରଥମ ପଦକ୍ଷେପ ରୂପେ ଆମେ ଗୋଟିଏ ଆର୍ଥିକ ଡାଏରୀ ରଖିବା ଦରକାର ଯେଉଁଥିରେ ଆମେ ଦୈନିକ, ସାପ୍ତାହିକ ବା ମାସିକ ଆୟ ବ୍ୟୟକୁ ଲିପିବଦ୍ଧ କରି ପାରିବା ।

## ଆର୍ଥିକ ଯୋଜନା କ'ଣ ?

ଆର୍ଥିକ ଯୋଜନାର ଅର୍ଥ ଆମର ସାରା ଜୀବନର ଆର୍ଥିକ ଆବଶ୍ୟକତା ଯଥା – କୃଷି, ଶିକ୍ଷା, ବାସଗୃହ, ବିଭାଘର, ସନ୍ତାନ ଜନ୍ମ, ଦୈନନ୍ଦିନ ଗୁଜୁରାଣ ସହିତ ସମ୍ଭାବିତ ବିପ୍ରାତ ଯଥା – ରୋଗ, ମୃତ୍ୟୁ, ଦୈବୀ ଦୁର୍ବିପାକ (ବନ୍ୟା, ଭୂମିକମ୍ପ, ମରୁଡି ଇତ୍ୟାଦି)ର ଆର୍ଥିକ ଆକଳନ କରିବା ଏବଂ ତାକୁ ଭରଣା କରିବା ପାଇଁ ଉପାୟ ନିର୍ଦ୍ଧାରଣ କରିବା ।

## ଆମେ ଆର୍ଥିକ ଯୋଜନା କାହିଁକି କରିବା ?




ଆର୍ଥିକ ଯୋଜନା ଦ୍ୱାରା ଆମର ସମ୍ଭାବିତ ଖର୍ଚ୍ଚର ଯୋଜନା ଆମର ଆୟ ଅନୁସାରେ ପ୍ରସ୍ତୁତ ହୋଇଥାଏ । ଏହା ଆମକୁ ଦୁଇ ପ୍ରକାରରେ ସାହାଯ୍ୟ କରେ ।

ପ୍ରଥମତଃ – ଆମେ ନିୟମିତ ଭାବରେ ଆମ ଆୟର ଏକ ଅଂଶ ସଂଚୟ କରି, ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିପାରିବା ।

ଦ୍ୱିତୀୟତଃ – ଅନାବଶ୍ୟକ ଦ୍ରବ୍ୟର ଖର୍ଚ୍ଚ କାଟ କରି ଭବିଷ୍ୟତ ପାଇଁ ସଂଚୟ କରିପାରିବା । ତେଣୁ ଆଜିଠାରୁ ଆର୍ଥିକ ଯୋଜନା ଆରମ୍ଭ କରିବା ଯଦ୍ୱାରା ଆମେ ଆମର କରଜ ଶୁଝିବା ସହିତ ଘର କିଣା, ପିଲାଙ୍କ ଉଚ୍ଚ ଶିକ୍ଷା, ଇତ୍ୟାଦି ପାଇଁ ଅର୍ଥ ସଂଚୟ କରି ପାରିବା । **ଜୀବନରେ ଲକ୍ଷ୍ୟ ହାସଲ ପାଇଁ ଆର୍ଥିକ ଯୋଜନାର** ବିକଳ୍ପ ନାହିଁ ।

## କେମିତି ଆର୍ଥିକ ଯୋଜନା କରିବା ?

- ପ୍ରଥମେ ବର୍ତ୍ତମାନର ଆର୍ଥିକ ସ୍ଥିତିକୁ ଆକଳନ କରିବା ।
- ଆମର ସ୍ୱଳ୍ପ ମିଆଦୀ(ବର୍ଷକ ଭିତରେ), ମଧ୍ୟମ ମିଆଦୀ(ଏକ ବର୍ଷରୁ ପାଂଚ ବର୍ଷ ମଧ୍ୟରେ) ଏବଂ ଦୀର୍ଘ ମିଆଦୀ (ପାଂଚ ବର୍ଷରୁ ଊର୍ଦ୍ଧ୍ୱ) ଆର୍ଥିକ ଆବଶ୍ୟକତାକୁ ସ୍ଥିର କରିବା ।
- ପ୍ରତ୍ୟେକ ଆବଶ୍ୟକତାର ମୂଲ୍ୟ ଏବଂ କେଉଁ ତାରିଖ ମଧ୍ୟରେ ତାହାକୁ ପୂରଣ କରିବାକୁ ହେବ ତାହା ନିର୍ଦ୍ଧାରଣ କରିବା ଏବଂ ସାପ୍ତାହିକ/ମାସିକ କେତେ ସଂଚୟ କଲେ ତାହା ପୂରଣ ହୋଇ ପାରିବ ତାହା ସ୍ଥିର କରିବା ।
- ଗୋଟିଏ ଆର୍ଥିକ ଡାଏରୀ ରଖି ସାପ୍ତାହିକ/ମାସିକ ଆୟ ଓ ବ୍ୟୟକୁ ଲିପିବଦ୍ଧ କରିବା ।
- ଖର୍ଚ୍ଚକୁ କମାଇବା ଏବଂ ବିଜ୍ଞତାର ସହିତ ବ୍ୟୟ କରିବା ।
- ନିୟମିତ ଭାବରେ ସଂଚୟକୁ ସମୀକ୍ଷା କରିବା – ଏହା ଆମର ଯୋଜନା ଅନୁଯାୟୀ ହୋଇଛି ତ ? ଯଦି ନୁହେଁ ତା ହେଲେ କେଉଁ କେଉଁ ଖର୍ଚ୍ଚକୁ କମାଇ ଦିଆଯାଇ ପାରିବ ଯଦ୍ୱାରା ସଂଚୟକୁ ବଢାଯାଇ ପାରିବ ।

- ପ୍ରତ୍ୟେକ ସପ୍ତାହ / ମାସର ଅନ୍ତରେ ଯେତେ ସଂଚୟ ହେଲା ତାକୁ ନିରୀକ୍ଷଣ କରିବା ।
- ବ୍ୟାଙ୍କ୍‌ରେ ଖାତା ଖୋଲି ସଂଚିତ ଅର୍ଥକୁ ଜମା କରିବା ।

## ଆର୍ଥିକ ଡାଏରୀ କାହିଁକି ରଖିବା ?

ଆର୍ଥିକ ଡାଏରୀ ଆମକୁ ଆର୍ଥିକ ଯୋଜନା କରିବାରେ ସାହାଯ୍ୟ କରେ । ଯେହେତୁ ଏଥିରେ ମାସ ଯାକର ସମସ୍ତ ଖର୍ଚ୍ଚ ଲିପିବଦ୍ଧ ଥାଏ ଏଥିରୁ ଆମକୁ ସହଜରେ ଦରକାରୀ ଓ ଅଦରକାରୀ ଖର୍ଚ୍ଚର ବିବରଣୀ ମିଳିଥାଏ । ଏହି ବିବରଣୀରୁ କେଉଁ କେଉଁ ଖର୍ଚ୍ଚ ବାଦ୍ ଦିଆଯାଇ ପାରିବ ବା କମ୍ କରାଯାଇପାରିବ ତାହା ଆମେ ଜାଣିପାରୁ । ଏହି ଜ୍ଞାନରୁ ଆମେ ସେ ଖର୍ଚ୍ଚକୁ ନିୟନ୍ତ୍ରଣ କରିପାରୁ ଏବଂ ସେହି ଅର୍ଥକୁ ସଂଚୟ କରି ଦାରିଦ୍ର୍ୟ ବଳୟରୁ ମୁକ୍ତ ହୋଇପାରୁ ।




## ଖର୍ଚ୍ଚ କରିବା ଆଗରୁ ଦୁଇଥର ଚିନ୍ତା କରିବା ଦରକାର ।

ଉଦାହରଣ ସ୍ୱରୂପ ମାସିକ ଆୟ ଟ.୫୦୦୦/- । ଗୋଟିଏ ଆର୍ଥିକ ଡାଏରୀରେ ଖର୍ଚ୍ଚ ଲିପିବଦ୍ଧ କରି ଆମେ ନିମ୍ନଲିଖିତ ଖର୍ଚ୍ଚର ତଥ୍ୟ ପାଇଲୁ । ଖାଦ୍ୟ, ବସ୍ତ୍ର ଓ ବାସଗୃହ - ଟ.୨୦୦୦/- , ପିଲାଙ୍କ ଶିକ୍ଷା ଟ. ୧୦୦୦/- , ଭଡା -ଟ. ୭୦୦/-, ଚିକିତ୍ସା - ଟ. ୩୦୦/-, ଉତ୍ସବ ଓ ତୀର୍ଥ ଯାତ୍ରା - ଟ. ୫୦୦/-, ମଦ୍ୟପାନ ଓ ଜୁଆଖେଳ -ଟ. ୫୦୦/- , ଆମେ ଯଦି ଉତ୍ସବ ଓ ତୀର୍ଥ ଯାତ୍ରା ଖର୍ଚ୍ଚ କମାଇ ଟ.୫୦୦ ରୁ ଟ.୨୦୦ କରିପାରୁ ଏବଂ ଜୁଆଖେଳ ଓ ମଦ୍ୟପାନ ଖର୍ଚ୍ଚ ବନ୍ଦ କରିଦେଉ ତା ହେଲେ ଆମେ ମାସକୁ ଟ.୮୦୦/- ସଂଚୟ କରିପାରିବୁ । ଏହା ଆର୍ଥିକ ଡାଏରୀ ରଖିଲେ ସମ୍ଭବ ହେବ - ଅନ୍ୟଥା ଏହି ସମ୍ଭାବିତ ସଂଚୟକୁ ଆମେ ଖର୍ଚ୍ଚ କରିଦେବୁ ।

## ଆମେ କେମିତି ଖର୍ଚ୍ଚକୁ କମେଇ ପାରିବୁ ?




**ନିଜର ସଞ୍ଚିତ ଧନ ନିଜପାଇଁ ଖର୍ଚ୍ଚ କରନ୍ତୁ**



**ଶିକ୍ଷା**



**ବ୍ୟବସାୟ**

କେତେକ ସାମଗ୍ରୀର ଖର୍ଚ୍ଚକୁ ଆମେ ବିଚାରବନ୍ତ ଭାବରେ କମ୍ କରିଦେଲେ ତଦ୍ୱାରା ସଂଚିତ ଅର୍ଥ, ଅତିରିକ୍ତ ଉପାର୍ଜନ ବୋଲି ଧରା ଯାଇପାରେ । ଏହାକୁ ଆମେ ଆବଶ୍ୟକ ସାମଗ୍ରୀର ଖର୍ଚ୍ଚ ପାଇଁ ଉପଲବ୍ଧ କରାଇପାରିବା । ନିମ୍ନ ଉଦାହରଣରେ ଏହା ସହଜରେ ବୁଝି ହେବ । ଧରନ୍ତୁ ଆମେ ଦିନକୁ ୪ କପ୍ ଚା ପିଉଛୁ ତା ହେଲେ ତିରିଶ ଦିନରେ ଆମେ ୧୨୦ କପ୍ ଚା ପିଉଛୁ । ଯଦି ଗୋଟାଏ ଚା'ର ମୂଲ୍ୟ ଟ.୫/- ହୁଏ ତା ହେଲେ ଚା ବାବଦରେ ଆମର ମାସିକ ଖର୍ଚ୍ଚ ଟ.୬୦୦/- ହେଉଛି । ଯଦି ଆମେ ଦିନକୁ ଦୁଇ କପ୍ ଚା ପିଅନ୍ତୁ ତା ହେଲେ ଆମର ସେ ବାବଦରେ ମାସିକ ଖର୍ଚ୍ଚ ଟ.୩୦୦/- ହୁଅନ୍ତା । ଏବଂ ଆମେ ଟ.୩୦୦/- ସଂଚୟ କରି ପାରନ୍ତୁ । ଦିନକୁ ଚାରି କପ୍ ଚା ଆମେ ଚାହୁଁଛେ କିନ୍ତୁ ଦିନକୁ ଦୁଇ କପ୍ ଚାରେ ଆମର ଆବଶ୍ୟକତା ପୂରଣ ହୋଇପାରିବ । ଏହା ଦ୍ୱାରା ପରୋକ୍ଷରେ ଆମେ ମାସକୁ ଟ.୩୦୦/- ଅର୍ଜନ କରୁଛୁ ଯାହା ବର୍ଷକରେ ଟ.୩୬୦୦/- ଅଟେ ।

ମନେ ରଖନ୍ତୁ ସଂଚିତ ଅର୍ଥ ଅର୍ଜିତ ଅର୍ଥ ଅଟେ ।

# ସଂଚୟ

## ଆମେ ସଂଚୟ କରିବା କାହିଁକି ?

ଆମେ ନିୟମିତ ଭାବରେ ସଂଚୟ କରିବା ଦରକାର କାରଣ ଯେତେବେଳେ ଆମର ଖର୍ଚ୍ଚ ଆମର ଆୟ ଠାରୁ ଅଧିକ ହୋଇଯିବ ସେତେବେଳେ ଏହି ସଂଚିତ ଅର୍ଥ ଆମର କାମରେ ଲାଗିବ ଯଥା :




- ସନ୍ତାନ ଜନ୍ମ, ଶିକ୍ଷା, ବିଭାଘର, କୃଷି ଉପକରଣ କିଣିବା ଓ ଘର କିଣିବା ଇତ୍ୟାଦି ।
- ଅପ୍ରତ୍ୟାଶିତ ଖର୍ଚ୍ଚ ଯଥା ଅସୁସ୍ଥତା, ଦୁର୍ଘଟଣା, ମୃତ୍ୟୁ ଏବଂ ଦୈବୀ ଦୁର୍ବିପାକ ପରି ଜରୁରୀ ସ୍ଥିତିରେ ଆମର ସଂଚିତ ରାଶି ଆମକୁ ରକ୍ଷା କରିପାରେ ।
- ଦୁଃସମୟରେ – ଯେତେବେଳେ ଆମର କିଛି ଉପାର୍ଜନ ନ ଥାଏ – ଆମର ସଂଚୟ ଆମକୁ ବାଟ ଦେଖାଏ ।
- ଆମର ବୃଦ୍ଧାବସ୍ଥା ପାଇଁ ଅର୍ଥ ଆବଶ୍ୟକ ।
- ଏମିତି କିଛି ଦ୍ରବ୍ୟ ଆମେ କିଣିବାକୁ ଚାହୁଁ ଯାହା ଆମର ନିୟମିତ ଆୟରୁ ବ୍ୟୟ କରିବା ସମ୍ଭବ ନୁହେଁ ।

ସଂକ୍ଷେପରେ ଯେତେବେଳେ ଆମକୁ ଆୟଠାରୁ ଅଧିକ ଅର୍ଥ ବ୍ୟୟ କରିବାକୁ ପଡ଼େ ସେତେବେଳେ ଯଦି ଆମ ପାଖରେ ଯଥେଷ୍ଟ ସଂଚିତ ଅର୍ଥ ଥିବ, ସେଥିରୁ ଆମେ ଖର୍ଚ୍ଚ କରିପାରିବା ।

## ସଂଚୟ କେମିତି କରିବା ?

ସଂଚୟ କରିବାର ଦୁଇଟି ପଥ – ଖର୍ଚ୍ଚକୁ ସଙ୍କୁଚିତ କରିବା ବା ଅଧିକ ଉପାର୍ଜନ କରିବା । ଖର୍ଚ୍ଚ ଦୁଇ ଭାଗରେ ବିଭକ୍ତ – ଦରକାରୀ ଖର୍ଚ୍ଚ ଏବଂ ଅଦରକାରୀ ଖର୍ଚ୍ଚ । ଦରକାରୀ ଖର୍ଚ୍ଚ ଆମର ଜୀବନ ଧାରଣ ପାଇଁ ନିହାତି ଆବଶ୍ୟକ ଯଥା

ଖାଦ୍ୟ, ବସ୍ତ୍ର, ବାସଗୃହ କିଣିବା ବା ମରାମତି, କୃଷି ଉପକରଣ କିଣିବା, ପିଲାଙ୍କ ପଢା ଖର୍ଚ୍ଚ ଓ ସ୍ୱାସ୍ଥ୍ୟ ସେବା । ଅଦରକାରୀ ଖର୍ଚ୍ଚ ଗୁଡିକ ଆନନ୍ଦ ଏବଂ ମଉଜ ମଜଲିସ୍ କରିବା ପାଇଁ ହେଉଥିବା ଖର୍ଚ୍ଚ । ଏହି ସବୁ ଖର୍ଚ୍ଚ ମଧ୍ୟରୁ କିଛି ସମ୍ପୂର୍ଣ୍ଣ ରୂପେ କିମ୍ବା ଆଂଶିକ ରୂପେ ଏଡାଇ ଦିଆଯାଇପାରିବ ଯଥା ମଦପିଇବା, ଡ୍ରଗ୍ସ୍ ଓ ତମାଖୁ ସେବନ କରିବା, ଜୁଆ ଖେଳିବା ଇତ୍ୟାଦିକୁ ଏଡାଇ ଦିଆଯାଇ ପାରିବ ଏବଂ ବିଭାଘର, ପର୍ବପର୍ବାଣୀ, ତୀର୍ଥ ଯାତ୍ରା ଇତ୍ୟାଦିରେ ହେଉଥିବା ଅନାବଶ୍ୟକ ଖର୍ଚ୍ଚକୁ କମ୍ କରାଯାଇପାରିବ । କିଛି ଖର୍ଚ୍ଚକୁ ପରେ କଲେ ଚଳିବ ଯଥା ଟିଭି, ସ୍କୁଟର, କାର, ଗହଣା ଇତ୍ୟାଦିର କିଣିବା ।

ଏହି ସବୁ ଅଦରକାରୀ ଖର୍ଚ୍ଚ ଆମେ ଯେତେ କମ୍ କରିବା ସେତେ ଦରକାରୀ ଦ୍ରବ୍ୟ ପାଇଁ ସଂଚୟ କରିପାରିବା ।

## ଆମ ପାଖରେ ନିଜର ନିୟମିତି ଖର୍ଚ୍ଚ ପାଇଁ ଅର୍ଥ ନ ଥିଲା ବେଳେ ଆମେ କେମିତି ସଂଚୟ କରିବା ?

ସାଧାରଣତଃ କୁହାଯାଏ ଯେ, ଆମର ଆୟ ଯଥେଷ୍ଟ ନୁହେଁ ତେଣୁ ସଂଚୟ କରିବା ସମ୍ଭବ ନୁହେଁ । କିନ୍ତୁ ପ୍ରକୃତ ସତ୍ୟ ହେଲା ସମସ୍ତେ ସଂଚୟ କରିପାରିବେ ଓ ସମସ୍ତେ ସଂଚୟ କରିବା ନିହାତି ଆବଶ୍ୟକ । ଯେଉଁ ସମୟରୁ ଆମେ ରୋଜଗାର କରିବା ଆରମ୍ଭ କରିବା ତାର ଏକ ଅଂଶ, ଅଳ୍ପ ହେଲେ ବି, ନିୟମିତ ସଂଚୟ କରିବା । ଯଦି ହଠାତ୍ ଅପ୍ରତ୍ୟାଶିତ ଭାବରେ ରୋଜଗାର ବଢିଯାଏ ତାକୁ ସମ୍ପୂର୍ଣ୍ଣ ଭାବରେ ବା ତାର ଅଧିକାଂଶ ଅଂଶ ସଂଚୟ କରିବା । ଏହା ଭବିଷ୍ୟତରେ ଆମକୁ ଅନେକ ଆର୍ଥିକ ଚିନ୍ତାରୁ ମୁକ୍ତ କରିବ ଏବଂ ଅପ୍ରତ୍ୟାଶିତ ଖର୍ଚ୍ଚର ବୋଝକୁ ସାମ୍ନା କରିବାକୁ ଶକ୍ତି ଦେବ ।

ଯଦି ଆମେ ଟ.୧୦୦/- ରୋଜଗାର କରୁଛୁ ସେଥିରୁ ଟ.୨୦/- ସଂଚୟ କରିପାରିବୁ ଏବଂ ଯଦି ଆମେ ଟ.୧୦/- ଆୟ କରୁଛୁ ସେଥିରୁ ଟ.୨/- ସଂଚୟ କରିପାରିବୁ । ତାହେଲେ ପାଂଚ ଦିନ ଆୟ କଲେ, ଏକ ଦିନର ଆୟକୁ ଆମେ ସଂଚୟ କରିପାରିବୁ ଏବଂ ୧୦୦ ଆୟ ଦିନରେ ଆମେ ୨୦ ଦିନର ଆୟ ସହିତ ସୁଧ ମଧ୍ୟ ସଂଚୟ କରିପାରିବୁ । ଏହା ଆପଣଙ୍କୁ ଚକିତ କରୁ ନାହିଁ କି ?

| | |
|---|---|
| ଦିନକୁ ଆୟ | ଟ. ୧୦୦ |
| ଦିନକୁ ଖର୍ଚ୍ଚ | ଟ. ୮୦ |
| ଦିନକୁ ସଂଚୟ | ଟ. ୨୦ |
| ମାସକୁ ସଂଚୟ | ୨୦ X ୩୦ = ୬୦୦ |
| ବର୍ଷକୁ ସଂଚୟ | ୬୦୦ X ୧୨ = ୭୨୦୦ |
| ସୁଧ (ଶତକଡା ବାର୍ଷିକ ଆଠ ପ୍ରତିଶତ) | ଟ. ୩୧୮ |
| ବର୍ଷ ଶେଷରେ ସଂଚୟ | ଟ. ୭୫୧୮ |
| ଏହି ରାଶି ୭୫ ଦିନର ଆୟ ସହିତ ସମାନ | |

## କେତେ ଦିନ ପର୍ଯ୍ୟନ୍ତ ଆମେ ସଂଚୟ କରିବା ?

ଯେତେ ଲମ୍ବା ଅବଧି ପର୍ଯ୍ୟନ୍ତ ସଂଚୟ କରିବା ଆମର ସଂଚୟ ସେତେ ବଢ଼ିବ । ଯେତେ ଆମେ ଅଧିକ ସଂଚୟ କରିବା, ଜରୁରୀକାଳୀନ ପରିସ୍ଥିତି ପାଇଁ ଆମେ ସେତିକି ପ୍ରସ୍ତୁତ ରହିବା ଏବଂ ବୃଦ୍ଧାବସ୍ଥାରେ ଅନ୍ୟ ଉପରେ ବୋଝ ହେବାନାହିଁ । ଯେତିକି ଆମର ସଂଚୟ ବଢ଼ିବ ସେତିକି ଆମେ ନିଜର ଆବଶ୍ୟକତା ପାଇଁ ଋଣ କରିବାକୁ ପଡ଼ିବ ନାହିଁ ।

| ବୟସ | ୨୫ | ୩୫ | ୪୫ |
|---|---|---|---|
| ବାର୍ଷିକ ସଂଚୟ (ଟ.) | ୧୦୦୦ | ୧୦୦୦ | ୧୦୦୦ |
| କେତେ ବର୍ଷ ସଂଚୟ କଲେ | ୪୦ | ୩୦ | ୨୦ |
| ଆମର ସଂଚିତ ଅର୍ଥ (ଟ.) | ୪୦,୦୦୦ | ୩୦,୦୦୦ | ୨୦,୦୦୦ |
| ସୁଧ ଅର୍ଜନ ବାର୍ଷିକ ୧୦ ପ୍ରତିଶତ (ଟ) | ୪୨୨୮୨୮ | ୧୪୨୦୩୩ | ୩୯୯୦୦ |
| ୬୫ ବର୍ଷ ବୟସରେ ମୋଟ ଅର୍ଥ (ଟ) | ୪୬୨୮୨୮ | ୧୭୨୦୩୩ | ୫୯୯୦୦ |

ଯେତେବେଳେ ଆମେ ଲମ୍ବା ଅବଧି ପାଇ ସଂଚୟ କରିବା, ଆମର ସଂଚୟ ବହୁଗୁଣ ବଢ଼ିଯିବ କାରଣ ତା ଉପରେ ଆମକୁ ସୁଧ ମିଳିବ ।

# ବ୍ୟାଙ୍କ୍‌ରେ ସଂଚୟ

## କେଉଁଠି ସଂଚୟ କରିବା ?




ଆମେ ଘରେ ତକିଆ ତଳେ ବା ସଂଚୟ ଡବାରେ ସଂଚିତ ଅର୍ଥ ରଖିଥାଇପାରୁ । କିନ୍ତୁ କ'ଣ ହେବ ? ଆମେ ସବୁବେଳେ ଚିନ୍ତାରେ ରହିବା ଏହାର ସୁରକ୍ଷା ପାଇଁ । ବେଳେବେଳେ ମୂଷା ବା ପୋକ ଆମର କଷ୍ଟୋପାର୍ଜିତ ଟଙ୍କାକୁ ଖାଇ ନଷ୍ଟ କରିପାରନ୍ତି । କେତେବେଳେ ସେହି ଅର୍ଥ ଆମେ ଖର୍ଚ୍ଚ କରିଦେବା ପାଇଁ ଇଚ୍ଛା କରୁ ଅଥବା ତାହା ଚୋରି ହୋଇ ଯାଇପାରେ କିମ୍ବା ଅନ୍ୟମାନେ ଉଧାର ମାଗି ପାରନ୍ତି ଏବଂ ଘରେ ସଂଚିତ ଅର୍ଥର ବୃଦ୍ଧି ହୁଏନାହିଁ । ତେଣୁ ବ୍ୟାଙ୍କ୍‌ରେ ଖାତା ଖୋଲି ସଂଚୟ କରିବା ସବୁଠୁ ପ୍ରକୃଷ୍ଟ ଉପାୟ । ଘରେ ଆପଣ ଅଳ୍ପ କିଛି ଅର୍ଥ ରଖି ବାକି ଅର୍ଥ ବ୍ୟାଙ୍କ୍‌ରେ ସଂଚୟ କରିବା ବୁଦ୍ଧିମାନର କାର୍ଯ୍ୟ ହେବ ।

**ତେଣୁ ନିଜର କଷ୍ଟୋପାର୍ଜିତ ଅର୍ଥକୁ ସବୁବେଳେ ବ୍ୟାଙ୍କ୍‌ରେ ସଂଚୟ କରନ୍ତୁ - ଅନ୍ୟଥା ତାହା ଆପଣ ହରାଇ ପାରନ୍ତି ।**

## ବ୍ୟାଙ୍କ୍‌ରେ କାହିଁକି ସଂଚୟ କରିବା ?

ବ୍ୟାଙ୍କ୍‌ରେ ରଖାଯାଇଥିବା ଟଙ୍କା ସମ୍ପୂର୍ଣ୍ଣ ନିରାପଦ କାରଣ ବ୍ୟାଙ୍କ୍‌ମାନେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଦ୍ୱାରା ନିୟନ୍ତ୍ରିତ ଏବଂ ଏହି ଅର୍ଥ ଦେଶ ଗଠନ କାର୍ଯ୍ୟରେ ଲାଗେ । ନିରାପତ୍ତା ସହିତ ବ୍ୟାଙ୍କ୍‌ମାନେ ଅର୍ଥ ଜମା କରିବା ପାଇଁ କୌଣସି ଶୁଳ୍କ ଆଦାୟ କରନ୍ତି ନାହିଁ । ବରଂ ଅପର ପକ୍ଷରେ ସେମାନେ ସଂଚିତ ଅର୍ଥ ଉପରେ ସୁଧ ପ୍ରଦାନ କରନ୍ତି । ତେଣୁ ଆମର ସଂଚିତ ଅର୍ଥର ବୃଦ୍ଧି ଘଟିଥାଏ । ବ୍ୟାଙ୍କ୍‌ରେ ଅର୍ଥ ରଖିଲେ ଆମେ ତାକୁ ଦରକାର ପଡିଲେ ଯେତେବେଳେ ହେଲେ ବ୍ୟବହାର କରିପାରୁ । ବ୍ୟାଙ୍କ୍ ସହିତ କାରବାର ଏକ ସ୍ୱଚ୍ଛ କାରବାର । ଏହା ବ୍ୟତୀତ ବ୍ୟାଙ୍କ୍ ଏହାର

ଗ୍ରାହକମାନଙ୍କୁ ଅନେକ ପ୍ରକାରର ଦରକାରୀ ସେବା ଉପଲବ୍ଧ କରିଥାଏ । ସେ ଗୁଡ଼ିକ ମଧ୍ୟରୁ ଋଣ, ଅର୍ଥ ପ୍ରେରଣ ଇତ୍ୟାଦି ଅନ୍ୟତମ, ଯାହା ଅଳ୍ପ ଖର୍ଚ୍ଚରେ ଉପଲବ୍ଧ ହୁଏ । ଆମ ମୃତ୍ୟୁ ପରେ ଆମର ଅର୍ଥ ଆମର ମନୋନୀତ ବ୍ୟକ୍ତିଙ୍କୁ ଦିଆଯାଇପାରେ ।

## ମନୋନୟନ କ'ଣ ?

ଏହା ଏପରି ଏକ ସୁବିଧା ଯେଉଁଥିରେ ସଂଚୟ କର୍ତ୍ତା ଯେ କୌଣସି ବ୍ୟକ୍ତିଙ୍କୁ ମନୋନୀତ କରିପାରନ୍ତି ଯିଏ ତାଙ୍କ ମୃତ୍ୟୁ ପରେ ବ୍ୟାଙ୍କ୍‌ରେ ଥିବା ତାଙ୍କର ସଂଚିତ ଅର୍ଥ ଦାବି କରି ପାଇପାରନ୍ତି । ତେଣୁ ବ୍ୟାଙ୍କ୍ ଖାତା ପାଇଁ ମନୋନୟନ (Nomination) କରିବା ପରାମର୍ଶ ଯୋଗ୍ୟ, ଯଦ୍ୱାରା ଅତି ସହଜରେ ଜମାକର୍ତ୍ତାଙ୍କ ମୃତ୍ୟୁ ପରେ ତାଙ୍କର ସଂଚିତ ଅର୍ଥ ମନୋନୀତ ବ୍ୟକ୍ତିଙ୍କୁ ମିଳିପାରିବ ।




## ବ୍ୟାଙ୍କ୍ ଖାତା ଖୋଲିବାରେ ସୁବିଧା କ'ଣ ?

- ବ୍ୟାଙ୍କ୍ ଖାତା ଆମକୁ ଏକ ପରିଚୟ ଦିଏ ଯାହାକୁ ଅନ୍ୟ ସରକାରୀ ସଂସ୍ଥା ସ୍ୱୀକାର କରନ୍ତି ।
- ବ୍ୟାଙ୍କ୍ ଖାତାରେ ନେଣ ଦେଣ ସମ୍ପୂର୍ଣ୍ଣ ସ୍ୱଚ୍ଛ- ଆମେ ନିଜର ଜମା, ଉଠାଣ ଓ ସୁଧ ପ୍ରାପ୍ତି ସମ୍ବନ୍ଧରେ ସମସ୍ତ ତଥ୍ୟ ଜାଣି ପାରୁ ।
- ବ୍ୟାଙ୍କ୍‌ରେ ନିୟମ ସମସ୍ତଙ୍କ ପାଇଁ ସମାନ- ଏଥିରେ ଭେଦଭାବ ନାହିଁ ।
- ବ୍ୟାଙ୍କ୍‌ରେ ଆମର ଅର୍ଥ ସମ୍ପୂର୍ଣ୍ଣ ନିରାପଦ ।
- ବ୍ୟାଙ୍କ୍‌ରେ ସଂଚୟ ଖାତା (Saving A/c), ପୁନଃ ପୌନିକ ଖାତା (Recurring deposit A/c) ଏବଂ ସ୍ଥାୟୀ ଜମା ଖାତା (Fixed deposit A/c) ଆମର ଆବଶ୍ୟକତା ଅନୁଯାୟୀ ଖୋଲାଯାଏ ଓ ସଂଚୟ ଜମା ଉପରେ ସୁଧ ମିଳେ ।

- ଆମେ ଆମର ଦରମା/ମଜୁରୀ ସିଧାସଳଖ ଆମ ବ୍ୟାଙ୍କ୍ ଖାତାରେ ଜମା କରାଇ ପାରୁ ।
- ସମସ୍ତ ସାମାଜିକ ସୁବିଧା ଯଥା ନରେଗା ମଜୁରୀ (MGNREGA), ପେନ୍‌ସନ୍ ଇତ୍ୟାଦି ଆମ ବ୍ୟାଙ୍କ୍ ଖାତାରେ ସିଧାସଳଖ ଜମା ହୋଇଯାଇପାରେ । ତାକୁ EBT କହନ୍ତି ।
- ଆମେ ଯେତେବେଳେ ଚାହିଁଲେ ବ୍ୟାଙ୍କ୍‌ରେ ଟଙ୍କା ଜମା ଓ ଉଠାଣ କରିପାରୁ ।
- ଆମେ ଆବଶ୍ୟକ ସ୍ଥଳେ ବ୍ୟାଙ୍କ୍‌ରୁ ଋଣ ନେଇପାରୁ । ବ୍ୟାଙ୍କ୍‌ମାନେ ଉତ୍ପାଦନ ଭିତ୍ତିକ ଋଣ ପ୍ରଦାନ କରିଥାଆନ୍ତି ଯାହାର ସୁଧର ହାର ସାମାନ୍ୟ ଅଟେ । ବ୍ୟାଙ୍କ୍ ଖାତା ଥିଲେ ଏହି ଋଣ ମିଳିବା ସହଜ ହୁଏ ।
- ବ୍ୟାଙ୍କ୍ ମାଧ୍ୟମରେ ଆମେ ଅର୍ଥ ପ୍ରେରଣ କରି ପାରୁ ।

**ବ୍ୟାଙ୍କରେ ଏକ ସଂଚୟ ଖାତା ଖୋଲିଲେ ଏହି ପ୍ରକାରର ସମସ୍ତ ସେବା ଉପଲବ୍ଧ ହେବ ।**

## ଇବିଟି କ'ଣ ?

ଇବିଟିର (EBT) ଅର୍ଥ ହେଲା ବୈଦ୍ୟୁତିକ ସଂଚାର ମାଧ୍ୟମରେ, ସାମାଜିକ ନିରାପତ୍ତା ସୁବିଧା ଯଥା ନରେଗା (MGNREGA) ମଜୁରୀ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ରନ୍ଧନ ଗ୍ୟାସ (LPG) ର ସବ୍‌ସିଡି ବଦଳରେ ଦିଆଯାଉଥିବା ଅର୍ଥ ଆଦି ଉପଭୋକ୍ତାଙ୍କ ବ୍ୟାଙ୍କ୍ ଖାତାରେ ସିଧାସଳଖ ଜମା କରାଯିବା । ଏହା ଦ୍ୱାରା ଆମ ପାଇଁ ଉଦ୍ଦିଷ୍ଟ ଅର୍ଥ ଠିକ୍ ସମୟରେ ନିପୁଣତାର ସହିତ ବିନା ମଧ୍ୟସ୍ଥିଙ୍କ ଜରିଆରେ ଆମ ବ୍ୟାଙ୍କ୍ ଖାତାରେ ଜମା ହୋଇ ଯାଇପାରେ । ଏହା ଦ୍ୱାରା ବର୍ତ୍ତମାନର ଅର୍ଥ ପ୍ରାପ୍ତିରେ ହେଉଥିବା ବିଳମ୍ବ ଓ ବାଟମାରଣା ଦୂର ହୋଇ ପାରିବ । ଆମେ ଯେତେବେଳେ ଚାହିଁବୁ ଏହି ଅର୍ଥକୁ ଉଠାଇ ପାରିବୁ । ଏହା ଛଡା ବ୍ୟାଙ୍କ୍ ପ୍ରଦତ୍ତଅନ୍ୟାନ୍ୟ ସେବା ମଧ୍ୟ ଆମେ ପାଇ ପାରିବୁ ।

## ଅର୍ଥ ପ୍ରେରଣ କ'ଣ ?

ଆମେ ବ୍ୟାଙ୍କ୍ ମାଧ୍ୟମରେ ଦେଶ ମଧ୍ୟରେ ଥିବା ଯେ କୌଣସି ବ୍ୟକ୍ତିଙ୍କ ପାଖକୁ ଅର୍ଥ ପ୍ରେରଣ କରିପାରିବା । ବ୍ୟାଙ୍କ୍ ଆମର ଟଙ୍କା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଏବଂ ଜଣେ ବ୍ୟକ୍ତିଙ୍କ ଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନିରାପଦରେ ଅତିଶୀଘ୍ର ଏବଂ ସୁଚାରୁରୂପେ ପ୍ରେରଣ କରି ଥାଏ । ତେଣୁ ଯଦି ଆମର ବ୍ୟାଙ୍କ୍ ଖାତା ଥାଏ ତା ହେଲେ ଦୂରରେ ପଢୁଥିବା ଆମର ସନ୍ତାନ ପାଖକୁ ସହଜରେ ଆମେ ଅର୍ଥ ପ୍ରେରଣ କରିପାରିବା । ଦୂର ସ୍ଥାନରେ କାର୍ଯ୍ୟରତ ଆମର ସମ୍ପର୍କୀୟ ମାନଙ୍କଠାରୁ ମଧ୍ୟ ଆମ ବ୍ୟାଙ୍କ୍ ଖାତା ମାଧ୍ୟମରେ ଅର୍ଥ ପାଇ ପାରିବା ।

## ସୁଧ କ'ଣ ?

ଯେତେବେଳେ ଆମେ ଅର୍ଥ ସଂଚୟ କରୁ ତାହା ଯେଉଁ ଅର୍ଥ ଆୟ କରେ ତାକୁ ସୁଧ କୁହନ୍ତି ଅଥବା ଆମେ କରିଥିବା ଋଣ ଅତିରିକ୍ତ ଯେଉଁ ରାଶି ଆମେ ପରିଶୋଧ କରୁ ତାକୁ ମଧ୍ୟ ସୁଧ କୁହନ୍ତି । ଆମେ ବ୍ୟାଙ୍କ୍‌ରେ ରଖୁଥିବା ଅର୍ଥ

ବ୍ୟାଙ୍କ୍‌ରେ ପଡ଼ି ରହେ ନାହିଁ । ଏହି ଅର୍ଥକୁ ବ୍ୟାଙ୍କ୍ ଅନ୍ୟକୁ ଋଣ ଆକାରରେ ଦିଏ । ଯେଉଁମାନେ ଋଣ ନିଅନ୍ତି ସେମାନେ ମଧ୍ୟ ବ୍ୟାଙ୍କ୍‌କୁ ସୁଧ ଦିଅନ୍ତି ।

ଧରନ୍ତୁ ଆମେ ବ୍ୟାଙ୍କ୍‌ରେ ଟ. ୧୦୦୦/- ଜମା କଲୁ । ସେହି ଅର୍ଥ ବ୍ୟାଙ୍କ୍ ଅନ୍ୟ ଜଣକୁ ଋଣ ଦେଲା । ବର୍ଷ ଶେଷରେ ସିଏ ଟ. ୧୦୦/- ସୁଧ ଆକାରରେ ଦେଲା । ସେହି ଟ. ୧୦୦/- ଟଙ୍କାର କିଛି ଭାଗ ବ୍ୟାଙ୍କ୍ ଆମକୁ ଦେଲା । ଧର ଟ.୪୦/- ଟଙ୍କା । ଏହି ବଳକା ୪୦ ଟଙ୍କା ଆମର ଅତିରିକ୍ତ ଆୟ ଅଟେ । ଯାହା ଆମେ ବ୍ୟାଙ୍କ୍‌ରେ ଟ. ୧୦୦୦/- ଟଙ୍କା ରଖିବା ଦ୍ୱାରା ମିଳିଲା । ଏହାକୁ ସୁଧ ଅର୍ଜନ କହନ୍ତି ।

## ମହାଜନମାନେ ତାଙ୍କର ପ୍ରଦତ୍ତ କରଜ ଉପରେ ୩-୫% ସୁଧ ନିଅନ୍ତି, ତା ହେଲେ କେମିତି ଆମେ ବ୍ୟାଙ୍କ ମାନଙ୍କ ଅପେକ୍ଷା, ସେମାନଙ୍କୁ ଅଧିକ ସୁଧ ଦେଉଛୁ ?

ବ୍ୟାଙ୍କ୍‌ମାନଙ୍କ ଦ୍ୱାରା ଘୋଷିତ ସୁଧ ହାର ବାର୍ଷିକ ଅଟେ । କିନ୍ତୁ ମହାଜନମାନଙ୍କର ଋଣର ସୁଧହାର ମାସିକ ଅଟେ । ତେଣୁ ଜଣେ ମହାଜନ ଯଦି ୩% ସୁଧ ଘୋଷଣା କରେ, ତାହା ପ୍ରକୃତରେ ବାର୍ଷିକ ୩୬ ପ୍ରତିଶତ (୩ X ୧୨) ଯେଉଁଠାରେ ବ୍ୟାଙ୍କ ଘୋଷିତ ସୁଧ ହାର ୧୨% ଅର୍ଥାତ୍ ବାର୍ଷିକ ୧୨ ପ୍ରତିଶତ । ଏହିଭଳି ବ୍ୟାଙ୍କ ଦ୍ୱାରା ନିଆ ଯାଉଥିବା ସୁଧ ମହାଜନୀ ସୁଧ ଅପେକ୍ଷା ବହୁତ କମ୍ ଅଟେ ଏବଂ ଆମେ ମହାଜନ ଠାରୁ ଋଣ ନେଲେ ବହୁତ ଅଧିକ ସୁଧ ଦେବାକୁ ପଡେ ।

## ବିଭିନ୍ନ ପ୍ରକାରର ଜମା ଯୋଜନା କ'ଣ ?

ବ୍ୟାଙ୍କ୍‌ମାନେ ତିନି ପ୍ରକାର ଜମା ଖାତା ଖୋଲିଥାନ୍ତି ଯଥା:- ସଂଚୟ ଜମା (Saving Deposit), ସମୟ ଭିତ୍ତିକ ସ୍ଥାୟୀ ଜମା (Term Deposit) ଏବଂ ପୁନଃପୌନିକ ଜମା (Recurring Deposit) ଯାହା ସମ୍ବନ୍ଧରେ ନିମ୍ନରେ ବିବରଣୀ ଦିଆଗଲା ।

- ସଂଚୟ ଜମା ଖାତା ଆମ ଦୈନିକ ବଳକା ଅର୍ଥ ଜମା ପାଇଁ ଉଦ୍ଦିଷ୍ଟ । ଏହି ଖାତାରୁ ଆମେ ଯେତେବେଳେ ଚାହିଁଲେ ଟଙ୍କା ଉଠାଇ ପାରିବୁ । ଆମେ ମଧ୍ୟ ଏହି ଖାତାରେ ସାମୟିକ ଋଣ (overdraft) ଆପଦକାଳୀନ ସ୍ଥିତିରେ ପାଇ ପାରିବୁ ।

- ସ୍ଥାୟୀ ଜମା ଖାତା ଆମର ସୁବିଧା ମୁତାବକ ଏକ ନିର୍ଦ୍ଦିଷ୍ଟ ସମୟର ଅବଧି ପାଇଁ ଖୋଲାଯାଇଥାଏ । ଏଥିରେ ସଂଚୟ ଜମା ଖାତା ଠାରୁ ଅଧିକ ସୁଧ ମିଳିଥାଏ କାରଣ ଏହା ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଜମା ରହିଥାଏ । ଆମେ ଚାହିଁଲେ ସେହି ଅବଧି ପୂର୍ବରୁ ମଧ୍ୟ ଟଙ୍କା ଉଠାଇ ପାରିବା କିନ୍ତୁ ସେ କ୍ଷେତ୍ରରେ କମ୍ ସୁଧ ପାଇବା ।

- ପୁନଃପୌନିକ ଜମା ଏକ ନିର୍ଦ୍ଦିଷ୍ଟ ରାଶି ପ୍ରତ୍ୟେକ ଦିନ, ସପ୍ତାହ, ମାସ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟର ଅବଧିରେ ଖୋଲାଯାଇପାରିବ । ଏହା ନିୟମିତ ସଂଚୟ କରିବାରେ ସାହାଯ୍ୟ କରେ ।

### ଆମେ କେମିତି ଏକ ସଂଚୟ ଖାତା ଖୋଲିବା ?

ସଂଚୟ ଖାତା ଖୋଲିବାକୁ ପ୍ରଥମେ ନିର୍ଦ୍ଧାରିତ ଫର୍ମରେ ବ୍ୟାଙ୍କ୍‌କୁ ଦରଖାସ୍ତ କରିବାକୁ ପଡିବ । ତା ସହିତ ଗୋଟିଏ କିମ୍ବା ଦୁଇଟି ଫଟୋ, ଆପଣଙ୍କର ନିବାସର ପ୍ରମାଣ ପତ୍ର ଓ ଆପଣଙ୍କର ପରିଚୟ ପତ୍ରର କପି ଦାଖଲ କରିବେ । ଏହି ନିୟମକୁ KYC କହନ୍ତି ଯାହାର ଅର୍ଥ ନିଜର ଗ୍ରାହକଙ୍କୁ ଜାଣନ୍ତୁ (Know your customer) ।

### ଆମେ କେମିତି ଆମ ହାତରେ ଟଙ୍କା ନ ଥାଇ ଖାତା ଖୋଲିପାରିବା ?

ବର୍ତ୍ତମାନ ଖାତା ଖୋଲିବା ପାଇଁ ଟଙ୍କାର ଦରକାର ନାହିଁ । ଭାରତୀୟ ରିଜର୍ଭ ବ୍ୟାଙ୍କର ଉପଦେଶ ଅନୁସାରେ ପ୍ରତ୍ୟେକ ବ୍ୟାଙ୍କ ଶୂନ୍ୟ ଜମାରେ ସଂଚୟ ଖାତା ଖୋଲି ପାରିବେ । ଏହାକୁ "ବେସିକ୍ ସେଭିଂସ୍ ବ୍ୟାଙ୍କ ଡିପୋଜିଟ ଏକାଉଂଟ୍ (BSBD A/c.) କହନ୍ତି ଯାହା କୌଣସି ବ୍ୟକ୍ତି ସର୍ବନିମ୍ନ ଜମା ନ ରଖି ଯେ କୌଣସି ବ୍ୟାଙ୍କରେ ଖାତା ଖୋଲି ପାରିବେ ।

### ମୌଳିକ ସଂଚୟ ବ୍ୟାଙ୍କ ଜମା ଖାତା (Basic Savings Bank Deposit A/c) ର ବିଶେଷତ୍ୱ ।

BSBD ଖାତା ଶୂନ୍ୟ ଜମାରେ ଖୋଲି ହେବ । ଏହି ଖାତାରେ ଯେତେ ଥର ଜମା କଲେ ମଧ୍ୟ ବ୍ୟାଙ୍କ କୌଣସି ଫି ସଂଗ୍ରହ କରିବ ନାହିଁ । ଏହା ଛଡା ମାସକୁ ଚାରିଥର ପର୍ଯ୍ୟନ୍ତ ଉଠାଣରେ କୌଣସି ଶୁଳ୍କ ନିଆଯିବ ନାହିଁ । ଆମେ ଗୋଟିଏ ପାସ୍ ବୁକ୍, ଗୋଟିଏ ATM / ସ୍ମାର୍ଟ କାର୍ଡ ବିନା ଶୁଳ୍କରେ ପାଇପାରିବା । ଆମେ ଏହି ଖାତାରେ ଆମର ଦୈନନ୍ଦିନ କାରବାର ଯଥା ଜମା, ଉଠାଣ, ଅର୍ଥ ପ୍ରେରଣ ଏବଂ ସାମାଜିକ ସୁବିଧା ଜନିତ ସିଧାସଳଖ ଅର୍ଥ ପୈଠ ଇତ୍ୟାଦି କରାଇ ପାରିବା ।

### KYC (ନିଜ ଗ୍ରାହକଙ୍କୁ ଜାଣନ୍ତୁ) କ'ଣ ?

KYC ନିୟମ ଅନୁସାରେ ବ୍ୟାଙ୍କ ଆମର ସମସ୍ତ ବିବରଣୀ ଖାତା ଖୋଲିବା ଆଗରୁ ଜାଣିବା ଆବଶ୍ୟକ । ସେଥିପାଇଁ ଆମକୁ କେତେ ଗୁଡିଏ ନଥି ପତ୍ରର ନକଲ ଦାଖଲ କରିବାକୁ ପଡିବ ଯଥା - ନିଜର ଫଟୋ, ନିଜର ପରିଚୟ ପତ୍ର, ନିଜ ବାସସ୍ଥାନର ପ୍ରମାଣ ପତ୍ର, ଏ ସବୁ ସହିତ ବ୍ୟାଙ୍କରେ ଖାତା ଖୋଲିବା ପାଇଁ ନିର୍ଦ୍ଧାରିତ ଆବେଦନ ପତ୍ର ସମ୍ପୂର୍ଣ୍ଣ କରି ଦାଖଲ କରିବାକୁ ପଡିବ । ଆଧାର କାର୍ଡ ମାଧ୍ୟମରେ ମଧ୍ୟ ବ୍ୟାଙ୍କ୍ ଖାତା ଖୋଲାଯାଇ ପାରିବ । ଏ ସବୁ ଯଦି କାହା ପାଖରେ ନାହିଁ ତା ହେଲେ ନରେଗା (MGNREGA) ଓ ଜବ୍‌କାର୍ଡ ବା ଆତ୍ମ ପ୍ରମାଣ ପତ୍ର ଦେଇ ଖାତା ଖୋଲି ହେବ କିନ୍ତୁ ତାହା କ୍ଷୁଦ୍ର ସଂଚୟ ଖାତା ହେବ ଏବଂ ସେଥିରେ କେତେକ ପ୍ରତିବନ୍ଧକ ରହିବ ।

## ଯଦି ଗ୍ରାମରେ କୌଣସି ବ୍ୟାଙ୍କର ଶାଖା ନ ଥାଏ ତା ହେଲେ କେମିତି ବ୍ୟାଙ୍କ ଖାତା ଖୋଲିହେବ ?

ଆମ ଗ୍ରାମରେ ବ୍ୟାଙ୍କ୍‌ର ଏକ ଶାଖା ହେବାର କୌଣସି ଆବଶ୍ୟକତା ନାହିଁ କାରଣ ବର୍ତ୍ତମାନ ବ୍ୟାଙ୍କ୍‌ମାନେ ସବୁ ଗ୍ରାମରେ BC (Business Correspondent) ନିଯୁକ୍ତ କରିଛନ୍ତି, ଯେଉଁମାନେ ବ୍ୟାଙ୍କ୍‌ର ପ୍ରତିନିଧି ରୂପେ କାର୍ଯ୍ୟ କରନ୍ତି । ସେମାନେ ସ୍ଥାନୀୟ ଲୋକ ଯାହାଙ୍କର ମୂଳଭିତ୍ତି ଓ ଆର୍ଥିକ ସ୍ୱାର୍ଥ ସେହି ଅଂଚଳ ସହିତ ଜଡିତ । ସେମାନେ ଆମ ଗ୍ରାମ ଓ ନିକଟସ୍ଥ ଗ୍ରାମ ମାନଙ୍କରେ ବ୍ୟାଙ୍କ୍‌ସେବା ଯୋଗାଇ ଦେବେ । BC ନିଯୁକ୍ତ ସମୟରେ ବ୍ୟାଙ୍କ୍‌ମାନେ ଗ୍ରାମବାସୀଙ୍କ ସହିତ BC ର ପରିଚୟ କରାନ୍ତି । ଗ୍ରାମ ପଂଚାୟତରୁ ମଧ୍ୟ BC ବିଷୟରେ ଖବର ଜାଣିହେବ ।

## ବି.ସି. (BC) କ'ଣ ଏବଂ ବି.ସି. କିପରି କାର୍ଯ୍ୟ କରନ୍ତି ?

ସ୍ଥାନୀୟ ଲୋକ ବା ଅନ୍ୟ ବ୍ୟକ୍ତିଙ୍କୁ ବ୍ୟାଙ୍କ୍ ପ୍ରତିନିଧି ରୂପେ ନିଯୁକ୍ତି ଦେବାକୁ ବ୍ୟାଙ୍କ୍‌ମାନଙ୍କୁ ଅନୁମତି ଦିଆଯାଇଛି ।

BC ମାନେ ସୂଚନା ଓ ସଂଚାର ପ୍ରଦ୍ୟୋଗ (ICT) ଆଧାରିତ ନିଜେ ଧରିଥିବା ମେସିନ୍ ଯଥା ସ୍ମାର୍ଟ କାର୍ଡ ଓ ମୋବାଇଲ ଫୋନ ଇତ୍ୟାଦି ଜରିଆରେ ବ୍ୟାଙ୍କ ସମ୍ବନ୍ଧୀୟ କାରବାର କରି ପାରିବେ ।

**ବ୍ୟାଙ୍କିଙ୍ଗ୍ ସେବା ବର୍ତ୍ତମାନ ଆପଣଙ୍କର ଦ୍ୱାର ଦେଶରେ ଉପଲବ୍ଧ ।**

## ବି.ସି. (BC) ଙ୍କ ପାଖରେ ଟଙ୍କା ଜମା ରଖିବା ନିରାପଦକି ?

ଯେଉଁଠି ବ୍ୟାଙ୍କ୍ ଶାଖା ଦୂରରେ ଅଛି ସେଠାରେ BC ମାଧ୍ୟମରେ ବ୍ୟାଙ୍କ୍ ସେବା ଆମର ଦ୍ୱାର ଦେଶରେ ପହଂଚି ପାରୁଛି । BC ମାନଙ୍କ ପାଖରେ ଟଙ୍କା ଜମା କରିବା ଯାହା, ବ୍ୟାଙ୍କ୍‌ର ଶାଖାରେ ଟଙ୍କା ଜମା କରିବା ତାହା । ଏହି କାରବାର ସୂଚନା ଓ ସଂଚାର ପ୍ରଦ୍ୟୋଗ (ICT based) ଆଧାରିତ ମେସିନ୍ ସାହାଯ୍ୟରେ ହୁଏ ଏବଂ ଏହା ଆମ ସଂଚୟ ହିସାବ ଖାତାରେ ପ୍ରତିଫଳିତ ହୁଏ । ଗ୍ରାହକ ତତ୍‌କ୍ଷଣାତ BC ମାଧ୍ୟମରେ ଏହି ଜମା ବା ଉଠାଣର ସଂଦେଶ ପାଇପାରେ ଏବଂ ଗ୍ରାହକଙ୍କୁ ରସିଦମଧ୍ୟ ପ୍ରାପ୍ତହୁଏ । ଏହି କାର୍ଯ୍ୟ BC ମାଧ୍ୟମରେ ବାୟୋମ୍ୟାଟ୍ରିକ ବା ଏକ PIN ସଂଖ୍ୟା ଦ୍ୱାରା ସମ୍ପାଦିତ ହୁଏ ଏବଂ ଅନ୍ୟ କେହି ଆମ ଆକାଉଣ୍ଟରେ ଏହି କାରବାର କରି ପାରିବେ ନାହିଁ ।





## କେଉଁ ପ୍ରକାରର ସେବା BC ମାଧ୍ୟମରେ ଯୋଗାଇ ଦିଆଯାଏ ?

BC ସଂଚୟ ଜମା ଖାତାର ସେବା ଯୋଗାଏ ଯେଉଁଥିରେ ସାମୟିକ ଋଣ (overdraft) ର ସୁବିଧା, ସ୍ଥାୟୀ ଜମା ଖାତା ଓ ପୁନଃପୌନିକ ଜମା ଖାତା ଖୋଲିବାର ସୁବିଧା ଥାଏ । ସେମାନେ ମଧ୍ୟ ଆମ ଖାତାରୁ ଅର୍ଥ ପ୍ରେରଣ ଏବଂ ଆମ ଖାତାକୁ ଅର୍ଥ ଗ୍ରହଣ କରିବାର ସୁବିଧା ଯୋଗାଇ ଦିଅନ୍ତି । ଏହାଛଡା ଆୟକାରୀ କର୍ମ ପାଇଁ କିଷାନ କ୍ରେଡିଟ୍ କାର୍ଡ ଓ ଜେନେରାଲ କ୍ରେଡିଟ୍ କାର୍ଡ ମାଧ୍ୟମରେ ଯଥାକ୍ରମେ କୃଷି ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଋଣ ବନ୍ଦୋବସ୍ତ କରାଇ ଥାଆନ୍ତି ।

## ସାମୟିକ ଋଣ (overdraft) କ'ଣ, ଏହା ଅନ୍ୟ ଋଣ ଠାରୁ କିପରି ଅଲଗା ?

ଆମର ବିଭିନ୍ନ ସମୟରେ ଜରୁରୀ ଖର୍ଚ୍ଚ ଉଦ୍ଦେଶ୍ୟରେ ଯଦି ସାମୟିକ ଋଣର ଆବଶ୍ୟକତା ପଡେ ତାହାର ସୁବିଧା ଆମର ସଂଚୟ ଖାତାରେ ସଂଶ୍ଳିଷ୍ଟ କରାଯାଇଅଛି । ଆମର ଜରୁରୀ ଦରକାର ପାଇଁ ଆମେ ନିଜ ଜମା ଠାରୁ ଅଧିକ ଅର୍ଥ ଏକ ସୀମିତ ଅନୁପାତରେ ଉଠାଣ କରିପାରିବା ଏବଂ ଏହା ପାଇଁ କିଛି ଅଲଗା ନଥିପତ୍ର ସ୍ୱାକ୍ଷର କରିବାକୁ ପଡି ନ ଥାଏ । ଏହା ହଠାତ୍ ଜରୁରୀ ଦରକାର ସମୟରେ ଅର୍ଥ ବ୍ୟବସ୍ଥା କରିବାରେ ସାହାଯ୍ୟ କରିଥାଏ । ଅବଶ୍ୟ ଏହି ଅଧିକା ଉଠାଣ ଉପରେ ସୁଧ ଦେବାକୁ ପଡିଥାଏ କାରଣ ଏହା ବ୍ୟାଙ୍କ ପକ୍ଷରୁ ଏକ ଋଣ । ଅନ୍ୟାନ୍ୟ ଋଣ ଯଥା KCC ବା GCC ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥାଏ ଯେଉଁଥିରେ ଆୟ ଉପାର୍ଜନ କରିବାର ସୁବିଧା ଥାଏ ।

# ରଣ

## ରୋଜଗାର ଓ ରଣ ମଧ୍ୟରେ ପ୍ରଭେଦ କ'ଣ ?

ପ୍ରତ୍ୟେକ କରଜ ବା ରଣକୁ ଶୁଝିବାକୁ ହୁଏ । ଏହା ଆୟ ବା ରୋଜଗାର ରୂପେ ଗଣନା କରିବା ଅନୁଚିତ । ଆମେ ଯେବେ ଦରମା ବା ମଜୁରୀ ଆକାରରେ ଟଙ୍କା ପାଉ ତାହା ଆମର ରୋଜଗାର କିନ୍ତୁ ରଣ ବା କରଜ ଆମର ରୋଜଗାର ନୁହେଁ । ଅପର ପକ୍ଷରେ ରଣର କିସ୍ତି ପରିଶୋଧ ଆମର ବ୍ୟୟ ।

## ଆମେ କେତେବେଳେ କରଜ କରୁ ?

ଯେତେବେଳେ ଆମର ବ୍ୟୟ ଆମର ଆୟ ତୁଳନାରେ ଅଧିକ ହୋଇଯାଏ ବା ହଠାତ୍ ଜରୁରୀ ଖର୍ଚ୍ଚ ଦରକାର ହୁଏ ସେତେବେଳେ ଆମେ ରଣ କରୁ । ଏହା ଛଡା ବ୍ୟବସାୟ ବା ଋଷରେ ଟଙ୍କା ଖଟାଇବା ପାଇଁ ମଧ୍ୟ ଆମେ କରଜ କରୁ ।

## ଯେତେବେଳେ ଆମ ପାଖରେ କମ୍ ଟଙ୍କା ଥାଏ ଆମେ ସେତେବେଳ କରଜ କରିବା ଜରୁରୀ କି ?




ଅଦରକାରୀ ଖର୍ଚ୍ଚ ଯଥା ଅତି ଆଡମ୍ବରରେ ପର୍ବପର୍ବାଣୀ ପାଳନ କିମ୍ବା ବିଭାଘର ପାଇଁ ଖର୍ଚ୍ଚ ବା ଗହଣା ଓ ଅନ୍ୟାନ୍ୟ ଦାମୀ ଗୃହୋପକରଣ କିଣିବା ଲାଗି କରଜ କରିବା ଅନୁଚିତ୍ । ଏ ସବୁ ଖର୍ଚ୍ଚ ନିଜ ରୋଜଗାରରୁ କରିବା ଦରକାର ବା ସଂଚିତ ଅର୍ଥରୁ କରିବା ଦରକାର । ଖାଉଟି ଦ୍ରବ୍ୟ କିଣିବା ପାଇଁ ରୋଜଗାର ବା ସଂଚୟକୁ ବିନିଯୋଗ କରିବା ଦରକାର । ଯଦି ଆମେ ଏ ସବୁ କିଣିବା ପାଇଁ ରଣ କରିବାକୁ ବାଧ୍ୟ ହେଉ ପ୍ରଥମେ ଆମେ ସ୍ଥିର କରିବା ଦରକାର ଯେ କେତେ ଟଙ୍କା ଆମର ବର୍ତ୍ତମାନର ରୋଜଗାରରୁ ଏ ବାବଦରେ ପରିଶୋଧ କରି ପାରିବା । ଉପଭୋଗ (Consumption) ଖର୍ଚ୍ଚ କିଛି ରୋଜଗାର ଦିଏନାହିଁ । ତେଣୁ ଆମେ କେମିତି ଏ ରଣ ପରିଶୋଧ କରିପାରିବା ? ଅନ୍ୟ ପକ୍ଷରେ ଏ ରଣ ଶୁଝିବାକୁ ବିଭିନ୍ନ ପ୍ରକାର ରଣ କରିବାକୁ ପଡିଥାଏ ଏବଂ ଶେଷରେ ଆମେ ରଣ ଯନ୍ତାରେ ପଡ଼ିବାର ସମ୍ଭାବନା ରହିଥାଏ ।

**ନିଜର ରଣକୁ ଯଦି ଆୟତ୍ତରେ ରଖି ନ ପାରିବେ ତେବେ ରଣ ଆପଣଙ୍କୁ ଗ୍ରାସ କରିଦେବ ।**

## କେବଳ ରୋଜଗାର ଉତ୍ପନ୍ନ କରିପାରୁଥିବା ଧନ୍ଦା ପାଇଁ ଋଣ କରିବା ବାଞ୍ଛନୀୟ କାହିଁକି ?




ଏହା ମନେରଖିବା ଦରକାର ଯେ ଆମେ ଋଣ କଲେ ତାକୁ ସୁଧମୂଳ ସହିତ ପରିଶୋଧ କରିବାକୁ ପଡିବ । ତେଣୁ କୌଣସି ଋଣ କରିବା ଆଗରୁ ଆମର ପରିଶୋଧ କ୍ଷମତାକୁ ତଉଲିବା ଦରକାର । ଯଦି ଆମେ କୌଣସି ବ୍ୟବସାୟିକ ଧନ୍ଦା ପାଇ ଋଣ କରିବା ଆମର ରୋଜଗାର ବଢିବ ଏବଂ ଆମେ ସେହି ରୋଜଗାରରୁ ଋଣ ଶୁଝିପାରିବା । ଉଦାହରଣ ସ୍ୱରୂପ ଯଦି ଆମେ ବିହନ କିଣିବା ପାଇଁ ୧୦୦୦ ଟଙ୍କା କରଜ କଲୁ ଏବଂ ସେଥିରୁ ୧୦୦୦୦ ଟଙ୍କାର ଫସଲ ଉତ୍ପନ୍ନ କରି ବିକ୍ରି କଲୁ ତା ହେଲେ ସୁଧ ମୂଳ ସହିତ (୧୦୦୦+୧୦୦) ୧୧୦୦ ଟଙ୍କା ଆମକୁ ଶୁଝିବାକୁ ପଡିବ ଏବଂ ଆମ ପାଖରେ ୮୯୦୦ ଟଙ୍କା ବଳକା ରୋଜଗାର ରହିବ । ଆମେ ଏମିତି ଧନ୍ଦା ପାଇଁ ଋଣ କରିବା ଯେଉଁଥିରେ ସୁଧ ଅପେକ୍ଷା ଅଧିକ ରୋଜଗାର କରି ପାରୁଥିବା । ଅନ୍ୟଥା ପୁଣି ପୁରୁଣା ଋଣକୁ ଶୁଝିବାକୁ ନୂଆ ଋଣ କରିବାକୁ ପଡିବ ।

**ଏମିତି କାମଧନ୍ଦା ପାଇଁ ଋଣ କରନ୍ତୁ ଯାହା ଆପଣଙ୍କର ରୋଜଗାର ବଢାଇବ ।**

## କାହିଁକି ସୀମା ଭିତରେ ଋଣ କରିବେ ?

ଆମେ ଯାହା ଋଣ କରୁଛୁ ତାକୁ ସୁଧ ସହିତ ଶୁଝିବାକୁ ପଡ଼େ । ଏହା ସ୍ଥିର କରନ୍ତୁ ଯେ ଋଣ ଶୁଝିବା ପାଇଁ ଆମର ରୋଜଗାର ଯଥେଷ୍ଟ । ଏହାକୁ ଅତି ସହଜରେ ଯାଂଚ କରିହେବ ଯଦି ଆମେ ଆମର ମାସିକ ଆୟ ବ୍ୟୟ ଓ ସଂଚୟ ପ୍ରତି ଧ୍ୟାନ ଦେବା । ଏଠି ସଂଚୟ ପରିମାଣ ଋଣ ପରିଶୋଧର କିସ୍ତି ଠାରୁ ଅଧିକ ହୋଇଥିବା ଆବଶ୍ୟକ ।

# ବ୍ୟାଙ୍କ୍‌ରୁ ଋଣ

## ଗାଁରେ ମହାଜନ ଥାଉ ଥାଉ ବ୍ୟାଙ୍କରୁ କାହିଁକି ଋଣ ନେବେ ?

ବ୍ୟାଙ୍କ୍ ମହାଜନ ଏବଂ ଅନ୍ୟାନ୍ୟ ଅନୌପଚାରିକ ସଂସ୍ଥା ଅପେକ୍ଷା ଏକ ଉତ୍ତମ ଆର୍ଥିକ ଉତ୍ସ । ଯଦିବା ବେଳେବେଳେ ବ୍ୟାଙ୍କ୍ ଋଣ ପାଇବାକୁ ଟିକେ ଅଧିକ ସମୟ ଲାଗିପାରେ ଏହା ସୁରକ୍ଷିତ, ବିଶ୍ୱସନୀୟ ଏବଂ ସ୍ୱଚ୍ଛ ଅନୁଷ୍ଠାନ ଯାହା ଉତ୍ତମ ନିୟମାବଳୀ ଅନୁସାରେ ଋଣ ଦିଏ । ବ୍ୟାଙ୍କ୍‌ମାନଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ନିୟନ୍ତ୍ରଣ କରେ । ସବୁଠୁ ଉତ୍ତମ କଥା ହେଲା ବ୍ୟାଙ୍କ୍‌ମାନେ ଅନୌପଚାରିକ ସଂସ୍ଥା ଯଥା ସମ୍ପର୍କୀୟ, ସାଙ୍ଗ, ମହାଜନ ଓ ଗାଁ ମୁଖିଆଙ୍କ ଅପେକ୍ଷା କମ୍ ସୁଧ ଆଦାୟ କରନ୍ତି । ଏହା ଛଡା ବ୍ୟାଙ୍କ୍ ମାନେ ପୁରା କାଗଜ ପତ୍ର ଓ ଚୁକ୍ତିନାମା ସମ୍ପାଦିତ କଲା ପରେ ଯାଇ ଋଣ ଦିଅନ୍ତି । ଯଦି କେବେ ବିବାଦହୁଏ ତାକୁ ଦୂର କରିବାକୁ ଅଭିଯୋଗ ନିରାକରଣ ପ୍ରକ୍ରିୟା ମଧ୍ୟ ଉପଲବ୍ଧ ଅଛି ।

**ବ୍ୟାଙ୍କ୍ ଗୁଡିକ ସ୍ୱଚ୍ଛତା ରକ୍ଷା କରନ୍ତି ଏବଂ କମ୍ ସୁଧ ନିଅନ୍ତି ।**




## ବ୍ୟାଙ୍କ୍ ମାନଙ୍କରେ ଅଭିଯୋଗ ନିରାକରଣ ପ୍ରଣାଳୀ କ'ଣ ?

ବ୍ୟାଙ୍କ୍‌ମାନେ ନିୟନ୍ତ୍ରିତ ସଂସ୍ଥା । ପ୍ରତ୍ୟେକ ବ୍ୟାଙ୍କ୍‌ରେ ଅଭିଯୋଗ ନିରାକରଣ ଅଫିସର ଅଛନ୍ତି ଯାହାଙ୍କ ବିଷୟରେ ସୂଚନା ପ୍ରତ୍ୟେକ ଶାଖାରେ ପ୍ରକାଶିତ ଏବଂ ସେମାନଙ୍କର ୱେବ୍-ସାଇଟରେ ମଧ୍ୟ ଉପଲବ୍ଧ । କୌଣସି ପ୍ରକାରର ବିବାଦଉପୁଜିଲେ ଆମେ ଅଭିଯୋଗ ନିରାକରଣ ଅଫିସରଙ୍କ ପାଖରେ ଅଭିଯୋଗ କରି ପାରିବା । ଯଦି ଆମେ ତାଙ୍କର ସମାଧାନରେ ସନ୍ତୁଷ୍ଟ ନାହୁଁ ତା ହେଲେ ଆମର ଆପତ୍ତି ଆମେ ଭାରତୀୟ ରିଜର୍ଭ ବ୍ୟାଙ୍କର ବ୍ୟାଙ୍କିଙ୍ଗ୍ ଓମ୍‌ବଡ଼ସମ୍ୟାନ୍‌ଙ୍କ (Banking Ombudsman) ପାଖରେ ଦାଖଲ କରି ପାରିବା ।

## ଅନୌପଚାରିକ ସଂସ୍ଥାରେ ଏ ପ୍ରକାର ଅଭିଯୋଗ ନିରାକରଣ ପ୍ରଣାଳୀ ଅଛି କି ?

ନାଁ ଏଭଳି କୌଣସି ଅଭିଯୋଗ ଉପଶମ ପ୍ରକ୍ରିୟା ଅନୌପଚାରିକ ସଂସ୍ଥାରେ ନାହିଁ କାରଣ ସେମାନେ ନିୟନ୍ତ୍ରିତ ସଂସ୍ଥା ନୁହଁନ୍ତି । ସେଥିପାଇଁ ସେଠାରେ ସର୍ତ୍ତ ଏବଂ ସେମାନଂକର କାର୍ଯ୍ୟଧାରାରେ ବା କାରବାରର ବିବରଣୀ ଲିପିବଦ୍ଧ କରିବାରେ ସ୍ୱଚ୍ଛତା ନ ଥାଏ ।

## କାହିଁକି ବେଳେବେଳେ ବ୍ୟାଙ୍କ୍ ମାନଙ୍କରୁ ଋଣ ପାଇବାକୁ ମହାଜନଙ୍କ ତୁଳନାରେ ଅଧିକ ସମୟ ଲାଗେ ?

ବ୍ୟାଙ୍କ୍‌ମାନେ ଜନସାଧାରଣଙ୍କ ଠାରୁ ଜମା ସଂଗ୍ରହ କରି ସେହି ଟଙ୍କାକୁ ଲୋକଙ୍କୁ ଋଣ ଆକାରରେ ଦିଅନ୍ତି । ଜନସାଧାରଣଙ୍କର ଜମା ଟଙ୍କାର ତତ୍ତ୍ୱାବଧାରକ ଭାବରେ ସେମାନେ ଋଣୀମାନଙ୍କୁ ଦିଆଯାଇଥିବା ଟଙ୍କାର ସୁ-ବିନିଯୋଗକୁ ନିଶ୍ଚିତ କରିବାକୁ ଚାହାନ୍ତି । ତେଣୁ ବ୍ୟାଙ୍କ୍‌ମାନେ ଋଣ ଦେବା ଆଗରୁ ଋଣ ପ୍ରସ୍ତାବକୁ ପୁଙ୍ଖାନୁପୁଙ୍ଖ ଭାବରେ ଅନୁସନ୍ଧାନ କରନ୍ତି । ଏହା ଟିକିଏ ସମୟ ସାପେକ୍ଷ ହୋଇପାରେ କିନ୍ତୁ ଏହା ଦ୍ୱାରା ଋଣ ଗ୍ରହୀତାମାନଙ୍କର ଠକିଯିବାର ସମ୍ଭାବନା ନଥାଏ କାରଣ ସମସ୍ତ କାଗଜପତ୍ର ଠିକ୍ ଭାବରେ ସମ୍ପାଦିତ ହୋଇଥାଏ । ଉଭୟ ଜମାକାରୀ ଏବଂ ଋଣ କର୍ତ୍ତାଙ୍କ ହିତ ପାଇଁ ଏହା ଉଦ୍ଦିଷ୍ଟ ।

## କି ପ୍ରକାରର ଋଣ ବ୍ୟାଙ୍କ୍‌ମାନଙ୍କ ଦ୍ୱାରା ଦିଆଯାଉଅଛି ?

ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟାଙ୍କ୍‌ମାନେ ଋଣ ଦିଅନ୍ତି ଯଥା ଘର ତିଆରି, ଶିକ୍ଷା, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ, ବ୍ୟବସାୟ, ଖାଉଟି ଋଣ ଇତ୍ୟାଦି । ଏହିପରି ଭାବରେ ବ୍ୟାଙ୍କ୍ ସମସ୍ତ ପ୍ରକାରର ଋଣ ଆବଶ୍ୟକତାକୁ ପୂରଣ କରେ ।




**ଆପଣଙ୍କର ସମସ୍ତ ପ୍ରକାରର ଦରକାରୀ ଋଣ ଚାହିଦା ବ୍ୟାଙ୍କ୍ ପୂରଣ କରିପାରିବ ।**

## ବ୍ୟାଙ୍କ୍‌ରୁ କେମିତି ଜଣେ ଋଣ କରପାରିବ ?

ବ୍ୟାଙ୍କ୍‌ର ନିର୍ଦ୍ଧାରିତ ଫର୍ମରେ ଆପଣଙ୍କୁ ଋଣ ଦରଖାସ୍ତ ବ୍ୟାଙ୍କ୍‌ରେ ଦାଖଲ କରିବାକୁ ପଡିବ । ବ୍ୟାଙ୍କ୍ ଦରଖାସ୍ତରେ ଦିଆଯାଇଥିବା ତଥ୍ୟକୁ ତନଖି କରିବ ଏବଂ ଆପଣଙ୍କର ଋଣ ପରିଶୋଧର କ୍ଷମତାକୁ ପରୀକ୍ଷା କରିବ, ତା' ପରେ ଋଣ ମଞ୍ଜୁର କରିବ ଏବଂ ସୁଧ ସହିତ ମୂଳର ପରିଶୋଧ କିସ୍ତି ସ୍ଥିର କରିବ ।

## ବ୍ୟାଙ୍କ୍ ପାଖରୁ ଋଣର ମୂଲ୍ୟ କ'ଣ ?

କରଜ କରିଥିବା ଟଙ୍କାର ସୁଧକୁ ଋଣର ମୂଲ୍ୟ ବା cost of borrowing କହନ୍ତି । ଆମକୁ କେତେ ସୁଧ ଦେବାକୁ ପଡିବ ତାହା ବୁଝିବା ଦରକାର । ସାଧାରଣତଃ ବ୍ୟାଙ୍କ୍‌ମାନେ ବାର୍ଷିକ ସୁଧହାର ସମ୍ବନ୍ଧରେ ସୂଚନା ପ୍ରଦାନ କରନ୍ତି । ୧୨ ପ୍ରତିଶତ ସୁଧ ଅର୍ଥ ଶହେରେ ବର୍ଷକୁ ୧୨ ଟଙ୍କା ବା ମାସକୁ ୧ ଟଙ୍କା ସୁଧ । ଚକ୍ରବର୍ତ୍ତୀ ସୁଧ କେତେ ଅବଧିରେ ଲାଗୁ ହେବ, ଋଣର ମୂଲ୍ୟ ତା ଉପରେ ମଧ୍ୟ ନିର୍ଭର କରେ । ଅନ୍ୟାନ୍ୟ ଅଣପାରମ୍ପରିକ କରଜରେ ଋଣର ପ୍ରକୃତ ମୂଲ୍ୟ କୁହାଯାଏ ନାହିଁ । କିନ୍ତୁ ବ୍ୟାଙ୍କ ମାନଙ୍କରେ ସମସ୍ତ ସୁଧର ହାର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ସର୍ବସାଧାରଣରେ ପ୍ରକାଶ କରାଯାଇଥାଏ । ଏହି ଖର୍ଚ୍ଚ ଓ ସୁଧର ହାର ସମସ୍ତଙ୍କ ପାଇଁ ସମାନ ।

## ଆମକୁ କ'ଣ ଋଣ ପାଇଁ ଗ୍ୟାରେଣ୍ଟି ଦେବାକୁ ପଡିବ ?

ଏହା ଋଣର ପ୍ରକାର ଓ ଉଦ୍ଦେଶ୍ୟ ଉପରେ ନିର୍ଭର କରେ । ସାଧାରଣତଃ କ୍ଷୁଦ୍ର ଋଣ ପାଇଁ ଗ୍ୟାରେଣ୍ଟିର ଦରକାର ହୁଏ ନାହିଁ । କିନ୍ତୁ ବଡ ଆକାରର ଋଣ ପାଇଁ ଗ୍ୟାରେଣ୍ଟିର ଆବଶ୍ୟକତା ପଡିପାରେ । ଏହା ବ୍ୟାଙ୍କ୍ ଋଣରୁ ହୋଇଥିବା ସମ୍ପତ୍ତି କିମ୍ବା ଅନ୍ୟ ଅତିରିକ୍ତ ସମ୍ପତ୍ତି ଯଥା ଜମି, ଘର ଇତ୍ୟାଦି ହୋଇପାରେ ।

## ଆମେ କାହିଁକି ଋଣ ପରିଶୋଧ କରିବା ?

ବ୍ୟାଙ୍କ୍‌ମାନେ ଜମାକାରୀଙ୍କ ଅର୍ଥରୁ ଋଣ ଦିଅନ୍ତି । ଆମେ ଯଦି ଋଣ ଫେରସ୍ତ ନ କରିବା, ତା ହେଲେ ବ୍ୟାଙ୍କ୍‌ଗୁଡିକର ଆର୍ଥିକ ସ୍ଥିତି ଦୁର୍ବଳ ହୋଇ ପଡିବ । ଏହା ହେଲେ ଠିକ୍ ସମୟରେ ଜମାକାରୀଙ୍କ ଅର୍ଥ ଫେରସ୍ତ କରିବାରେ ବ୍ୟାଙ୍କ୍‌ମାନେ ସକ୍ଷମ ହେବେ ନାହିଁ । ଯଦି ବ୍ୟାଙ୍କ୍‌ରେ ସମସ୍ତ ଋଣ ଗ୍ରହୀତା ଏପରି କରନ୍ତି ଆମେ ଓ ଆମର ପରିବାରର ଜମା କରୁଥିବା ଅର୍ଥ ପ୍ରତି ବିପଦ ବଢିବ । ଏହା ଛଡା ଆମେ ବ୍ୟାଙ୍କ୍ ଋଣ ସୁଝିଲେ ସିନା ଅନ୍ୟ ଜଣେ ଋଣ ପାଇପାରିବ । ତା ଛଡା ଆମେ ଏବେ ଋଣ ସୁଝିଲେ ଭବିଷ୍ୟତରେ ପୁଣି ଋଣ କରିବାର ସୁବିଧା ମିଳିବ ।

## ଆମେ ଯଦି ବ୍ୟାଙ୍କ୍ ଋଣ ନ ଶୁଝୁ ତା ହେଲେ କ'ଣ ହେବ ?

ଆମେ ଯଦି ବ୍ୟାଙ୍କ ଋଣ ନ ଶୁଝୁ ତା ହେଲେ ବ୍ୟାଙ୍କ୍ ଆମର ବନ୍ଧକ ଦେଇଥିବା ସମ୍ପତ୍ତିକୁ ଜବତ କରିପାରିବ ଏବଂ ଦେଇଥିବା ଋଣ ଓ ସୁଧ ଆଦାୟ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବ ।

# ଟିପ୍ପଣି

# ଟିପ୍ପଣି

# ଟିପ୍ପଣି

# ଟିପ୍ପଣି

# ଭାରତୀୟ ରିଜର୍ଭ ବ୍ୟାଙ୍କ୍

**ସର୍ତ୍ତପ୍ରତ୍ୟାଖ୍ୟାନ**

ସାଧାରଣ ନାଗରିକଙ୍କୁ ସୂଚନା ପ୍ରଦାନ ଓ ମାର୍ଗଦର୍ଶନ ନିମିତ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କର ବିତ୍ତୀୟ ଶିକ୍ଷା ପ୍ରାବଧାନ ଉଦ୍ଦିଷ୍ଟ । ଏଥିରେ ବ୍ୟାଙ୍କ କାରବାର ବିଷୟରେ ଯାହା ବୁଝା ଯାଇଛି ତାହା କେବଳ ସାଧାରଣ ଲୋକଙ୍କ ବୋଧଗମ୍ୟ ହେବା ପାଇଁ, ଏହା ଆଇନଗତ ବା ବୈଷୟିକ ବ୍ୟାଖ୍ୟା ନୁହେଁ । ପାଠକ ନିଜର ବୁଦ୍ଧି ଏବଂ ସାବଧାନତା ସହ ଏହାର ପ୍ରୟୋଗ କରିବା ବାଞ୍ଛନୀୟ । ଏଥିରେ କୌଣସି ଭୁଲଭଟକା ନରହୁ ତାହାର ପୂରା ଯତ୍ନ ନିଆଯାଇଛି । ତଥାପି ଯଦି କୌଣସି ଭୁଲ ଆପଣଙ୍କ ନଜରକୁ ଆସୁଛି ତେବେ ତାହା ଆପଣ ଆମ ଠିକଣାରେ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ଆମେ ତାହା ସଂଶୋଧନ କରିବୁ । ଏହାଦ୍ୱାରା ଆମେ ଜଣାଇ ଦେଉଛୁ ଯେ ଏହି ପ୍ରକାଶନର ପ୍ରୟୋଗରେ କୌଣସି ପ୍ରକାର କ୍ଷତି ପାଇଁ ପ୍ରକାଶକ ଦାୟୀ ନୁହନ୍ତି ।

# ବ୍ୟାଙ୍କିଙ୍ଗ୍ ସେବାର ସୁଯୋଗ ନିଅନ୍ତୁ - ଦାରିଦ୍ର୍ୟରୁ ମୁକ୍ତି ପାଆନ୍ତୁ




## ଭାରତୀୟ ରିଜର୍ଭ ବ୍ୟାଙ୍କ୍